# ରେଢ଼ାଖୋଲ ଇଷ୍ଟଦେବତା ପ୍ରଭୁ ପଞ୍ଚଖଣ୍ଡା ଓ ମା' ବିନ୍ଧ୍ୟବାସିନୀଙ୍କୁ ଦର୍ଶନ କଲେ ପ୍ରସନ୍ନ



**ରେଢ଼ାଖୋଲ, ୫।୬ (ସମିସ) :** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ରାଜବାଟି ସ୍ଥିତ ରେଢ଼ାଖୋଲ ଇଷ୍ଟଦେବତା ପ୍ରଭୁ ପଞ୍ଚଖଣ୍ଡା ଓ ମା ବିନ୍ଧ୍ୟବାସିନୀଙ୍କୁ ଦର୍ଶନ କରିଛନ୍ତି ନବ ନିର୍ବାଚିତ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ। ବିଜେଡ଼ି କର୍ମୀମାନଙ୍କ ସହିତ ଦର୍ଶନକରି ବିଧିବଦ୍ଧ ପୂଜାର୍ଚ୍ଚନା କରିଥିଲେ। ଏହି ବିଜୟ ଲାଭ ପାଇଁ ଶ୍ରୀ ଆଚାର୍ଯ୍ୟ ରେଢ଼ାଖୋଲ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରେଢ଼ାଖୋଲ ବିକାଶଧାରାରେ ସମସ୍ତଙ୍କ ସହଭାଗିତା ଦରକାର, ବିକାଶ ଧାରାକୁ ତ୍ୱରାନିତ କରିବା ପାଇଁ ଆପ୍ରାଣେ ଚେଷ୍ଟା କରିବି ବୋଲି ସେ ପ୍ରତିକ୍ରିୟା ଦେଇଥିଲେ। ପରେ ବିଜେଡି କାର୍ଯ୍ୟାଳୟକୁ ଯାଇ କର୍ମୀମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଦର୍ଶନ ବେଳେ ରେଢ଼ାଖୋଲ ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ଜିଲ୍ଲା ବିଜେଡ଼ି ସମ୍ପାଦକ ଅନାଦି ସାହୁ, ନଗର ବିଜେଡ଼ି ସଭାପତି ସିଦ୍ଧାର୍ଥ ପ୍ରଧାନ, ବରିଷ୍ଠ ବିଜେଡି ନେତା ଅରୁଣ କୁମାର ପ୍ରଧାନ, ନଗର ଯୁବ ସଭାପତି ବିକାଶ ଦାସ, ପୂର୍ବତନ ଏନଏସି କାଉନସିଲର ରାଜୀବ ଲୋଚନ ପ୍ରଧାନ, ସୁଧାଂଶୁ ଶେଖର ଅମାତ, ନନ୍ଦୁ ମାରି, ଜ୍ଞାନରଞ୍ଜନ ପ୍ରଧାନ, ବ୍ରିକମ ବାହାଦୁର, ଭିକାରୀ ପ୍ରଧାନ, ଶଶାଙ୍କ ଗିରି, ନିରଞ୍ଜନ ମହାକୁଡ଼ ପ୍ରମୁଖ ସମେତ ବହୁ ସଂଖ୍ୟାରେ ବିଜେଡ଼ି କର୍ମୀମାନେ ସାମିଲ ରହିଥିଲେ।

# ଠେଙ୍ଗା ଓ ନିଆଁଖୁଣ୍ଟାରେ ପିଟି ବାପାଙ୍କୁ ହତ୍ୟା କଲେ ପୁଅବୋହୂ

**କୁଚିଣ୍ଡା, ୫।୬(ସମିସ)**

ଗତକାଲି ଗୋବିନ୍ଦପୁର ଥାନା ଅର୍ନ୍ତଗତ ବଡ଼ଡୁମ୍ବେରମୁଣ୍ଡା ଗ୍ରାମରେ ୭୦ ବର୍ଷୀୟ ବୃଦ୍ଧ ବାପା ସୁନ୍ଦର ଖଡିଆ(୭୦)କୁ ହତ୍ୟା କରାଯାଇଛି। ପୁଅ ଜଗନ୍ନାଥ ଠେଙ୍ଗାରେ ପିଟିଥିବାବେଳେ ବୋହୂ ନିଆଁ ଖୁଣ୍ଟାରେ ପିଟି ହତ୍ୟାକରିଥିବା ଅଭିଯୋଗ

**ପ୍ରମାଣ ନଷ୍ଟ କରୁଥିବା ବେଳେ ଧରାପଡ଼ିଲେ**

ହୋଇଛି। ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟଣା ସ୍ଥାନୀୟଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ସମାଜ ପାଇଁ କଳଙ୍କ ବୋଲି ଲୋକେ କହୁଛନ୍ତି। ପୁଅ ବୋହୂ ମିଶି ପିଟିପିଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରୁଥିବା ସମୟରେ ଧରାପଡ଼ିଥିଲେ। କାନ୍ଥ ଓ ଚଟାଣରେ ଲାଗିଥିବା ରକ୍ତ ଛିଟାକୁ ଲିଭାଉଥିବା ବେଳେ ଗ୍ରାମର ଜଣେ ଯୁବତୀ ଦେଖି ଥାନାରେ ଅଭିଯୋଗ କରିଥିଲେ। ଗୋବିନ୍ଦପୁର ପୋଲିସ ପୁଅ ଜଗନ୍ନାଥ ଖଡିଆ(୫୫) ଓ ବୋହୂ ତୁଳାବତୀ ଖଡିଆ ଦୁଇଜଣଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ସୂଚନାନୁସାରେ ଗତକାଲି ରାତିରେ ଜଗନ୍ନାଥ ଖଡ଼ିଆ ନିଶାସକ୍ତ ଅବସ୍ଥାରେ





ଘରକୁ ଆସିଥିଲେ। କୌଣସି କାରଣକୁ ନେଇ ବାପ ପୁଅ ମଧ୍ୟରେ ବଚସା ହେଲା। ଏହି ସମୟରେ ବୋହୂ ତୁଳାବତୀ ଚୁଲିରେ ଲାଗିଥିବା କାଠକୁ କାଢି ନିଆଁ ହୁଳାରେ ଶ୍ୱସୁର ସୁନ୍ଦର ଖଡ଼ିଆକୁ ଆକ୍ରମଣ କରିଥିଲେ। ତାପରେ ଜଗନ୍ନାଥ ମଧ୍ୟ ପାଖରେ ଥିବା ଲାଠିକୁ ଉଠାଇ ଆକ୍ରମଣ କରିଥିଲା। ପୁଅ ବୋହୂ ମିଶି ସୁନ୍ଦରଙ୍କୁ ପିଟିପିଟି ମାରିଦେଲା ପରେ ଘର କାନ୍ଥ ଓ ଚଟାଣରେ ରେ ରକ୍ତ ଛିଟା ପଡ଼ିଥିବା ବେଳେ ରକ୍ତଛିଟାକୁ ଲିଭାଇବା ପାଇଁ ଲାଗି ପଡ଼ିଲେ ଠିକ ସେହି ସମୟରେ ଗ୍ରାମର ଜଣେ ଯୁବତୀ ଏହା ଦେଖି ଉଭୟଙ୍କୁ ବୁଢାଟି ମଲା କିପରି ବୋଲି ପଚାରିଥିଲେ। କିଛି ପ୍ରତି ଉତ୍ତର ନମିଳିବାରୁ ଏନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ କରାଗଲା। ଅଭିଯୋଗ ପରେ ଗୋବିନ୍ଦପୁର ପୁଲିସ ବଡ଼ ଡୁମ୍ବେରମୁଣ୍ଡା ଗ୍ରାମର ଜଗନ୍ନାଥ ଖଡ଼ିଆ ଓ ତାଙ୍କ ସ୍ତ୍ରୀ ତୁଳାବତୀ ଖଡ଼ିଆକୁ ଗିରଫ କରି ତାଙ୍କ ଠାରୁ ହତ୍ୟାରେ ବ୍ୟବହୃତ ଲାଠି ଓ ନିଆଁ ହୁଳା କାଠ ଜବତ କରିଥିଲା ଗୋବିନ୍ଦପୁର ପୁଲିସ ଏନେଇ ଗୋବିନ୍ଦପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ଉଭୟ ସ୍ୱାମୀ ସ୍ତ୍ରୀକୁ କୋର୍ଟଚାଲାଣ କରାଯାଇଥିବା ଗୋବିନ୍ଦପୁର ପୋଲିସ ପକ୍ଷରୁ ପ୍ରକାଶ।

# ଶୀତଳ ଷଷ୍ଠୀ ପାଇଁ ଦୁଇଦିନ ଛୁଟି ଘୋଷଣା

**ସମ୍ବଲପୁର, ୫।୬(ସମିସ):** ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଦୁଇଦିନ ଛୁଟି ଘୋଷଣା କରାଯାଇଛି। ପ୍ରଥମେ ୧୨ ତାରିଖ ଛୁଟି ଘୋଷଣା କରାଯାଇଥିବା ବେଳେ ଆଜି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ୧୩ ତାରିଖ ମଧ୍ୟ ଛୁଟି ଘୋଷଣା କରିଥିଲେ। ଛୁଟି ଘୋଷଣାକୁ ନେଇ ଆରଡିସି ଅଫିସ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଦିନକ ଛୁଟି ଘୋଷଣାକୁ ସ୍ୱାଗତ କରି ଶୀତଳ ଷଷ୍ଠୀ ମିଳିତ କ୍ରିୟାନୁଷ୍ଠାନ କମିଟି ଆଉ ଦିନକ ଛୁଟି ପାଇଁ ଦାବି କରିଛନ୍ତି। ପ୍ରଥମେ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଭେଟି ଆଲେଚନା କରିଥିଲେ। ବିଧାୟକ ମିଶ୍ର ଆରଡିସି ଓ ଜିଲ୍ଲାପାଳଙ୍କ ସହ ଆଲେଚନା କରି ଛୁଟି ପାଇଁ ଅନୁରୋଧ କରିଥିଲେ।

# ଜ୍ୟୋତିର୍ବିଦଙ୍କ ଦେହାନ୍ତ

**କୁଚିଣ୍ଡା, ୫।୬(ସମିସ):** କୁଚିଣ୍ଡା ବ୍ଲକ ଖଏରାବାହାଲ ଗ୍ରାମର ଜଣାଶୁଣା ଜ୍ୟୋତିର୍ବିଦ ଧ୍ରୁବଚରଣ ମହାକୁଳ (୯୪)ବର୍ଷରେ ଦେହାନ୍ତ ହୋଇଛି। ସେ ବହୁଦିନରୁ ବାର୍ଦ୍ଧକ୍ୟଜନିତ ରୋଗରେ ପିଡୀତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅ ନବୀନ ଚନ୍ଦ୍ର ମହାକୁଡ଼ ଓ ପୁତ୍ରବଧୂ ଉପସ୍ଥିତ ଥିବାବେଳେ ସାନପୁଅ କିଶୋର ଚନ୍ଦ୍ର ମହାକୁଳ ଓ ଧର୍ମପତ୍ନୀ କୁଚିଣ୍ଡାରୁ ନିଜଘର ଖଏରାବାହାଲକୁ ପହଞ୍ଚିଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ନବୀନ ଚନ୍ଦ୍ର ମହାକୁଳ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାର ଛାୟା ଖେଳି ଯାଇଛି।

# ଫଳ ବଜାର ମହଙ୍ଗା | ସାବିତ୍ରୀ ବ୍ରତରେ ସତ୍ୟବାନଙ୍କ ପକେଟ୍‌କୁ ମାଡ଼

**ସମ୍ବଲପୁର, ୫।୬(ସମିସ):** ଆଜି ହେଉଛି ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ମଙ୍ଗଳଓ ଦୀର୍ଘାୟୁ କାମନା କରି କାମନା କରି ସ୍ତ୍ରୀ ଏହି ବ୍ରତ ରଖେ। ବ୍ରତରେ ଅନେକ ଫଳମୂଳ ଲାଗିଥାଏ। ତେଣୁ ଫଳବଜାର ଏହି ସମୟରେ ସରଗରମ ହୋଇଥାଏ। ଦରଦାମ ଆକାଶ ଛୁଆଁ ହୋଇଥାଏ। ବ୍ରତ ପାଇଁ ସାବିତ୍ରୀମାନେ ଯେତେ ଉତ୍ସାହିତ, ଫଳ ବଜାରରେ ଦର ଶୁଣି ସତ୍ୟବାନ ସେତିକି ଚିନ୍ତିତ ହୋଇ ପଡ଼ିଛନ୍ତି। ସାବିତ୍ରୀ ପାଇଁ ସମ୍ବଲପୁର ବଜାରରେ ଭିଡ ଲାଗିଛି। ଫଳ ଦର ବଢ଼ିଥିଲେ ମଧ୍ୟ ଅଳ୍ପ ବହୁତ ଫଳ କିଣିବାକୁ ବାଧ ହେଉଛନ୍ତି। ଯେତେ ଦାମ ଅଧିକ ହେଲେ ବି ସାବିତ୍ରୀ ବ୍ରତ ପାଳନ କରିବାକୁ ହେବହିଁ ହେବ। ସମ୍ବଲପୁର ଧୂଚରାପଡ଼ା ଛକରୁ ଗୋଲବଜାର ଯାଏଁ ଫଳବଜାର ଲମ୍ବିଛି। ବ୍ରତକୁ ଆଖିରେ ରଖି ଅନେକ ସିଜିନାଲ ବ୍ୟବସାୟୀ ଦୋକାନ ଖୋଲିଛନ୍ତି। ବଜାରରେ ଆମ୍ବ, ପଣସ, ଲିଚୁ, ସପୁରୀ, ତରଭୁଜ ଇତ୍ୟାଦି ବିକ୍ରି ହେଉଛି। ଲିଚୁର ଟିକେ ଅଧିକ ଚାହିଦା। ଥିବାରୁ ବିକ୍ରି କରି ଦୁଇ ପଇସା ରୋଜଗାର କରିବା ଆଶାରେ ସୁଦୂର ଝାଡଖଣ୍ଡରୁ କିଛି ବ୍ୟବସାୟୀ ସମ୍ବଲପୁରରେ ବ୍ୟାପାର କରୁଛନ୍ତି। ବଜାରରେ ତିନି ରକମର ଲିଚୁ ମିଳୁଛି। ଝାଡଖଣ୍ଡ ଲିଚୁ ଓ କଲିକତା ଲିଚୁ



ବ୍ୟବସାୟୀ ପାଖରେ ଅଧିକ ଭିଡ। ଏହାର ଦର ମଧ୍ୟ ଅଧିକ। ଦେଶୀ ଲିଚୁ ଯାହା କୁଚିଣ୍ଡାରୁ ଆସୁଛି ତାହା କେଜି ପ୍ରତି ୧୦୦ରୁ ୧୨୦ ଭିତରେ ବିକ୍ରି ହେଉଥିବା ବେଳେ କଲିକତା ଲିଚୁ କେଜି ପ୍ରତି ୧୮୦ରେ ବିକ୍ରି ହେଉଛି। କିନ୍ତୁ ଝାଡଖଣ୍ଡ ଲିଚୁର ୨୫୦ ଉପରେ ବିକ୍ରି ହେଉଛି। ଦେଶୀ ଲିଚୁ ଖଟାମିଠା ହୋଇଥିବା ବେଳେ କଲିକତା ଲିଚୁ ଅଧିକ ମିଠା ରହିଛି। ସେପଟେ ଝାଡଖଣ୍ଡ ଲିଚୁ ଅଧିକ ମିଠା ସହ ମଞ୍ଜି ଛୋଟ ରହିଥାଏ। ସପୁରି ବିକିବା ପାଇଁ ବହୁ ମହିଳା ବ୍ୟବସାୟୀ ମୁନିଗୁଡାରୁ

**କୁଚିଣ୍ଡା ଲିଚୁ ୧୨୦, ଝାଡଖଣ୍ଡ ଲିଚୁ ୩୦୦**

**ସମ୍ବଲପୁରରେ ମୁନିଗୁଡ଼ା ସପୁରୀର ଚାହିଦା**

ଆସିଛନ୍ତି। ରାୟଗଡ଼ାରେ ଉତ୍ପାଦନ ହେଉଥିବା ସପୁରି ସେଠାରେ ଦର କମ ଥିବା ବେଳେ ସମ୍ବଲପୁରରେ ବିକି ଅଧିକ ଲାଭ ଆଶାରେ ଏହି ମହିଳା ମାନେ ପ୍ରତିବର୍ଷ ଏଠାକୁ ଆସିଥାନ୍ତି।

# ଆଦିତ୍ୟ ଆଲୁମିନିୟମରେ ବିଶ୍ୱ ପରିବେଶ ଦିବସ




**ସମ୍ବଲପୁର, ୫।୬(ସମିସ) :** ଆଦିତ୍ୟ ଆଲୁମିନିୟମ ଓ ବନ୍ୟ ବିଭାଗ ରେଙ୍ଗାଲି ସହାଭାଗିତାରେ ସ୍ଥାନୀୟ ଆରଆର କଲୋନୀ, ପଣ୍ଡୋଲଇରେ ବିଶ୍ୱ ପରିବେଶ ଦିବସ ଆୟୋଜିତ ହୋଇଛି। ମୃର୍ତ୍ତିକା ସଂରକ୍ଷଣ, ରୋପଣ ତଥା ମରୁଡ଼ି ନିୟନ୍ତ୍ରଣର ବିଷୟ ବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ସୁଜାତା ପଟେଲ, ବନ ବିଭାଗୀୟ ଅଧିକାରୀ, ସୁନିତା ଗାରଡିଆ, ବନ ସୁରକ୍ଷା ଅଧିକାରୀ, ସୁଶ୍ରୀ ସବିତା ପଟେଲ, ପ୍ରକଳ୍ପ ସଂଯୋଜିକା ଯୋଗଦାନ କରି ବ୍ୟାପକ ବୃକ୍ଷରୋପଣ ଦ୍ୱାରା ମନୁଷ୍ୟ ସମାଜ ତଥା ଜୀବଜଗତର ସଂରକ୍ଷଣ ସମ୍ଭବ ହୋଇପାରିବ। ବର୍ତ୍ତମାନ ସମୟରେ ମୃର୍ତ୍ତିକା ସଂରକ୍ଷଣ ଓ ଏହାର ସଠିକ ପରିଚାଳନା, ସୁସ୍ଥ ପରିବେଶ ଓ ସୁସ୍ଥ ଜୀବନ ପାଇଁ ଏକାନ୍ତ ପ୍ରଯୁଜ୍ୟ। ଏହି ଅବସରରେ ଚିତ୍ରାଙ୍କନ, ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଦିତ୍ୟ ଆଲୁମିନିୟମ ତରଫରୁ ଅଚ୍ୟୁତ ମେହେର, ଅନୁତୋଷ ମଜୁମଦାର, ଉଦୟ ରାଉତ, ଶଙ୍କିତ ଯାଦବ ତଥା ଏଫଆରପି ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୨୦ରୁ ଉର୍ଦ୍ଧ କଲୋନୀବାସୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ଓ ମନୋରଞ୍ଜନ ବେହେରା, ସହ ପ୍ରବନ୍ଧକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଫଳତାର ସହିତ ଆୟୋଜିତ ହୋଇଥିଲା।

# ଏମ୍‌ସିଏଲ୍‌ରେ ବିଶ୍ୱ ପରିବେଶ ଦିବସ

**ସମ୍ବଲପୁର, ୫।୬ (ସମିସ):** ବୁର୍ଲା ସ୍ଥିତ ମହାନଦୀ କୋଲଫିଲ୍ଡସ ଲିମିଟେଡ(ଏମସିଏଲ)ରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ କାଓଲେଙ୍କ ଦ୍ୱାରା ଉତ୍ସାହ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଗାମୀ ପିଢ଼ିଙ୍କ ପାଇଁ ସବୁଜ ପରିବେଶ କରିବା ନେଇ କମ୍ପାନିର ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ। ଏମସିଏଲ ବୈଷୟିକ ପ୍ରକଳ୍ପ ଓ ପ୍ଲାନିଂ ନିର୍ଦ୍ଦେଶକ ଏ ଏସ ବାପତ କୋଲ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷଙ୍କ ବାର୍ତ୍ତା ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ




ନିର୍ଦ୍ଦେଶକ (ପର୍ସନାଲ) କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପି କେ ପଟେଲ, ଏ କେ ବେହୁରା ନିର୍ଦ୍ଦେଶକ (ଅର୍ଥ) ଏବଂ ବିଭିନ୍ନ ବିଭାଗର ମୁଖ୍ୟମାନେ ଯୋଗ ଦେଇଥିଲେ। ସବୁଜ ପରିବେଶ ଗଠନ କରିବା ଦିଗରେ ମୁଖ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

# ବିଶ୍ୱ ପରିବେଶ ଦିବସ | ଜ୍ୟୋତିବିହାରରେ ସବୁଜ ଗୃହ ଉଦ୍‌ଘାଟିତ

**ହୀରାକୁଦ, ୫।୬(ସମିସ):** ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ହୋଇଛି। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଏକ ସବୁଜ ଗୃହ ଉଦ୍‌ଘାଟନ ହୋଇଛି। ସବୁଜ ଗୃହରେ ବିଭିନ୍ନ ପ୍ରକାରର ଚାରା ଗଛ ସହ ଚାରା ଉତ୍ପାଦନ କରାଯିବା ପାଇଁ ଲଗାଯାଇ ପାରିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର, କୁଳସଚିବ ଡ. ନୃପରାଜ ସାହୁ, ପିଜି ପରିଷଦ ବୋର୍ଡ ଅଧ୍ୟକ୍ଷ ପ୍ରଫେସର ତୁଷାର କାନ୍ତି ଦାସ, ନିର୍ଦ୍ଦେଶକ ପିଡିସି ସଂଯୁକ୍ତା ଦାସ, କାର୍ଯ୍ୟକ୍ରମ ସଂଯୋଜକ ସୁମନ୍ତ କେର୍କେଟା, ହିଣ୍ଡାଲକୋ ଏଫଆରପି ମୁଖ୍ୟ ସୌମିତ୍ର ରାୟ, ଓଡ଼ିଶା ପରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶିବ ମହାପାତ୍ର, ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର ଉପସ୍ଥିତିରେ ଉଦ୍‌ଘାଟନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରାଧ୍ୟାପକ ବହୁକର୍ମଚାରୀଙ୍କ ସହିତ ହିଣ୍ଡାଲକୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗର ଆନନ୍ଦ କୁମାର ଚକ୍ରବର୍ତ୍ତୀ ଓ ଜୀତେଶ କୁମାର ରଥ ସହଯୋଗ କରିଥିଲେ।



## ତଲାବିରା ଖଣିରେ ବିଶ୍ୱ ପରିବେଶ ଦିବସ

# ୧୦୦ ନିୟୁତ ଗଛ ବୃଦ୍ଧି ପାଇଁ ଆଦାନିର ପ୍ରତିଶ୍ରୁତି

**ସମ୍ବଲପୁର, ୫।୬(ସମିସ)**

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ସ୍ଥିତ ଆଦାନି ଗ୍ରୁପର ତଲାବିରା ଓଡ଼ିଶା ମାଇନିଂ ପ୍ରାଇଭେଟ ଲିମିଟେଡ(ଟିଓଏମପିଏଲ)ରେ ଆଜି ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଜମି ପୁନରୁଦ୍ଧାର, ମରୁଭୂମି ରୋକିବା ଏବଂ ମରୁଡ଼ି ସ୍ଥିରତାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ନେଇ କମ୍ପାନୀ ଚଳିତ ବର୍ଷର ବିଶ୍ୱ ପରିବେଶର ଥିମକୁ ଅନୁସରଣ କରି ଏହି ଦିବସକୁ ପାଳନ କରିଛି। ତଲାବିରା ଖଣି କେନ୍ଦ୍ର ସରକାରଙ୍କ ଏନଏଲସି ଲିମିଟେଡ ଦ୍ୱାରା ପରିଚାଳିତ ଅଟେ। ପୂର୍ବରୁ ମଧ୍ୟ ଏହି କମ୍ପାନି ପରିବେଶ ସଂରକ୍ଷଣ ପାଇଁ ଅନେକ ଉନ୍ନତି ମୂଳକ ପଦକ୍ଷେପ ଗ୍ରହଣ କରିଛି। ଅଫିସ୍ ପରିସରରେ ଏବଂ ଖଣି ସ୍ଥାନ ପରିସରରେ ୨୦୨୪ଟି ଚାରା ରୋପଣ କରି କମ୍ପାନି ଏହି ଦିବସକୁ ପାଳନ କରିଛି। ତଲାବିରା ବ୍ଲକ ବାସିନ୍ଦାଙ୍କୁ ମାଇନିଂ



ଫଳ ଗଛ ପ୍ରଦାନ କରି ପରିବେଶ ସଂରକ୍ଷଣ କରିବା ପାଇଁ ସଚେତନ କରିଛି। ଏହା ସହ ପରିପକ୍ୱ ୫ ଗୋଟି ଶାଳ ଗଛକୁ ଗୋଟିଏ ସ୍ଥାନରୁ ବାହାର କରି ପ୍ରତିରୋପଣ କରିଛି। ବୃକ୍ଷରୋପଣ କରିବା କେବଳ ଏକ ସ୍ଥାନୀୟ ପଦକ୍ଷେପ ନୁହେଁ, ବରଂ ୨୦୩୦ ସୁଦ୍ଧା ୧୦୦ ନିୟୁତ ଗଛ ବୃଦ୍ଧି ପାଇଁ ଆଦାନୀ ଗ୍ରୁପ୍‌ର ପ୍ରତିଶ୍ରୁତିର ଏକ ଅଂଶ ଅଟେ ବୋଲି ମାଇନିଂ ପକ୍ଷରୁ କୁହାଯାଇଛି।



### ମୌସୁମୀ ଆଗମନର ସୂଚନା ମିଳିଲାଣି

# ଖୋଲା ଆକାଶ ତଳେ ପଡ଼ି ରହିଛି ଚାଷୀଙ୍କ ଧାନ

**ବରଗଡ଼, ୫।୬(ସମିସ)**

ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ବେଳେ ଚାଷୀଙ୍କୁ ଏବେ ବର୍ଷା ଡର ଲାଗି ରହିଛି । ଆଗାମୀ କିଛି ଦିନ ମଧ୍ୟରେ ଓଡ଼ିଶାକୁ ମୌସୁମୀ ଛୁଇଁବ । ଏହି ପରିସ୍ଥିତିରେ ଖୋଲା ଆକାଶ ତଳେ ବିକ୍ରି ନହୋଇ ପଡ଼ି ରହିଥିବା ଲକ୍ଷ ଲକ୍ଷ ବସ୍ତା ଧାନ ଭିଜି ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି । ଯାହାକୁ ନେଇ ଚାଷୀ ଚିନ୍ତିତ ହୋଇ ପଡ଼ିଥିବା ସହ ମାର୍କେଟ ୟାର୍ଡରେ ପଡ଼ି ରହିଥିବା ଧାନ ଶୀଘ୍ର ଉଠାଇବାକୁ ଦାବି କରିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଗାମୀ ଚାରି ଦିନ ମଧ୍ୟ ମୌସୁମୀ ଓଡ଼ିଶା ଛୁଇଁବ । ଯାହାକୁ ନେଇ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ବର୍ତ୍ତମାନ ସ୍ଥିତିରେ ଅପରାହ୍ନରେ ପ୍ରାୟତଃ କାଳବୈଶାଖୀ ଝଡ଼ ବର୍ଷା ଲାଗି ରହୁଛି । ଅପରପକ୍ଷେ ବିଭିନ୍ନ ମାର୍କେଟ ୟାର୍ଡରେ ଲକ୍ଷ ଲକ୍ଷ ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ି ରହୁଥିବା ବେଳେ ବର୍ଷା ହେଲେ ଚାଷୀଙ୍କ ବହୁ କ୍ଷତି ହେବାର ଆଶଙ୍କା ରହିଛି । ଗତ ମାସ ମଇ ୧୦ ତାରିଖରୁ ବରଗଡ଼ ଜିଲ୍ଲାରେ ରବି ଧାନ ସଂଗ୍ରହ ପାଇଁ ମାର୍କେଟ ୟାର୍ଡ ଖୋଲିଥିବା ବେଳେ ସାଧାରଣ ନିର୍ବାଚନ ପାଇଁ ଧାନ ସଂଗ୍ରହ ଧିମେଇ ଯାଇଥିବା ଅଭିଯୋଗ ହୋଇଛି । ଜିଲ୍ଲାର ଚାଷୀମାନେ ୧୯୬ ମଣ୍ଡି ଓ ପେକ୍ସ ଜରିଆରେ ଧାନ ବିକ୍ରି କରିବାକୁ ଥିବା ବେଳେ ଯୋଗ୍ୟ ବିବେଚିତ ହୋଇଥିବା ୧୧୩ ଜଣ ମିଲର୍ସ ଏହାକୁ ସମ୍ପାଦନ କରୁଛନ୍ତି । ପେକ୍ସ ଓ ୫୦ଟି ଏସଏଚଜି ସମେତ ତିନି ଆରଏମସି ଜରିଆରେ ୮୫୩୦୪ ଜଣ ଚାଷୀ



ରବିଧାନ ବିକ୍ରୀ ପାଇଁ ପଞ୍ଜିକୃତ ହୋଇଛନ୍ତି । ଅପରପକ୍ଷେ ଧାନ ସଂଗ୍ରହ ଆରମ୍ଭ ହେବା ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୭୫ ଲକ୍ଷ ୯୫ ହଜାର ୯୭୦ ବସ୍ତା ଧାନ ମାର୍କେଟ ୟାର୍ଡକୁ ଆସିଥିବା ବେଳେ ୭୧ ଲକ୍ଷ ୭୮ ହଜାର ୪୫ ବସ୍ତା ଧାନ ବିକ୍ରୀ ହୋଇଥିବା ସୂଚନା ମିଳିଛି । ଜିଲ୍ଲାର ବିଭିନ୍ନ ମାର୍କେଟ ୟାର୍ଡରେ ୪ ଲକ୍ଷ ୧୭ ହଜାର ୯୩୧ ବସ୍ତା ଧାନ ବିକ୍ରି ନହୋଇ ପଡ଼ି ରହିଛି । ସେହିପରି ପ୍ରତ୍ୟହ ହଜାର ହଜାର ବସ୍ତା ଧାନ ମାର୍କେଟ ୟାର୍ଡକୁ ବିକ୍ରୀ ପାଇଁ ଆସୁଥିବା ବେଳେ ଧାନ ଉଠାଣ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି । ବହୁ ସ୍ଥାନରେ ମାର୍କେଟ ୟାର୍ଡରେ ଚାଷୀମାନେ ଆଣିଥିବା ଧାନର ଆର୍ଦ୍ରତା ପରୀକ୍ଷା କରାଯାଉଥିବା ସହ ପୁଣି ଥରେ ମିଲ ପଏଣ୍ଟ ରେ ପରୀକ୍ଷା କରାଯାଇ କଟନି ଛଟନି କରାଯାଉଥିବା ଅଭିଯୋଗ ହେଉଛି । ଏହାକୁ ନେଇ ଚାଷୀମାନେ ହଇରାଣର ଶୀକାର ହେବା ସହ ନିଜର କଷ୍ଟୋପାର୍ଜିତ ଫସଲର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି । ସେହିପରି ଧାନ ସଂଗ୍ରହରେ ବିଳମ୍ବ ଯୋଗୁଁ ଚାଷ କାର୍ଯ୍ୟ ପାଇଁ ହେଉଥିବା ଆନୁସଙ୍ଗିକ ଖର୍ଚ୍ଚ ତୁଲାଇବାକୁ ଚାଷୀ ଅଭାବି ବିକ୍ରିର ଶିକାର ହେଉଥିବା ଦେଖିବାକୁ ମିଳୁଛି । ଏଥିପାଇଁ ବିଭିନ୍ନ ମାର୍କେଟ ୟାର୍ଡରେ ମିଲର୍ସ ମାନଙ୍କ ଏଜେଣ୍ଟ ମାନେ ପଇଁତରା ମାରୁଥିବା ଜଣାପଡ଼ିଛି । ସେହିପରି ବହୁ ମାର୍କେଟ ୟାର୍ଡରେ ଧାନ ଗଚ୍ଛିତ ରଖିବା ଗୋଦାମ ନଥିବା ଯୋଗୁଁ ଚାଷୀମାନେ ଖୋଲା ଆକାଶ ତଳେ ଧାନ ରଖିବାକୁ ବାଧ୍ୟ ହେଉଛନ୍ତି । ଏପରି ସ୍ଥିତି ଭେଡେନ ବ୍ଲକ ଝରାପାଲି ମାର୍କେଟ ୟାର୍ଡରେ ଦେଖିବାକୁ ମିଳିଛି । ଯେଉଁଠାରେ କି ହଜାର ହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି । ତେବେ ଖୋଲା ଆକାଶ ତଳେ ପଡ଼ି ରହିଥିବା ଧାନ ବର୍ଷାରେ ଭିଜିବା ବଦଳରେ ଚାଷୀ ଖୁବ କମ୍ ଦରରେ ବିକ୍ରି କରି ଦେଉଥିବା ବିଭିନ୍ନ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରିସ୍ଥିତିରେ ଜିଲ୍ଲା ପ୍ରଶାସନ ତୁରନ୍ତ ମାର୍କେଟ ୟାର୍ଡରୁ ଧାନ ଉଠାଇବାକୁ ଚାଷୀ ମହଲରେ ଦାବି ହେଉଛି ।

# ବିସିଏ ସେମିଷ୍ଟାର ପରୀକ୍ଷାରେ ଇମ୍ପେରିଆଲ କଲେଜର ସଫଳତା



**ବରଗଡ଼, ୫।୬(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ବିସିଏ ବୃତ୍ତିଗତ ଶିକ୍ଷା ପରୀକ୍ଷାରେ ସ୍ଥାନୀୟ ବିଦ୍ୟାବିହାର ସ୍ଥିତ ଇମ୍ପେରିଆଲ କଲେଜର ଦ୍ୱିତୀୟ ଏବଂ ଚତୁର୍ଥ ସେମିଷ୍ଟାରରେ ୮ଜଣ ଶ୍ରେଷ୍ଠ ୧୦ ଜଣରେ ସ୍ଥାନ ପାଇଛନ୍ତି । ଦ୍ୱିତୀୟ ସେମିଷ୍ଟାରରେ ପ୍ରଥମ ସ୍ଥାନରେ ଦୀପଶିଖା ପାଢ଼ୀ ୯.୮୨ଏସଜିପିଏ, ତୃତୀୟ ସ୍ଥାନରେ ଅଭିଜିତ ପାଣିଗ୍ରାହୀ ୯.୩୬, ସପ୍ତମ ସ୍ଥାନରେ ନିହାରିକା ତ୍ରିପାଠୀ ୮.୮୨ଏସଜିପିଏ ଏବଂ ଅଷ୍ଟମ ସ୍ଥାନରେ ଟିକେଶ୍ୱରୀ ବେହେରା ୮.୭୩ ଏସଜିପିଏରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଚତୁର୍ଥ ସେମିଷ୍ଟରରେ ଷଷ୍ଠ ସ୍ଥାନରେ ଦେବପ୍ରିୟ ମେହେର ୮.୮୫ ଏସଜିପିଏ, ନବମ ସ୍ଥାନରେ ସଞ୍ଚିତା ତ୍ରିପାଠୀ ୮.୭୨ଏସଜିପିଏ ଏବଂ ଦଶମ ସ୍ଥାନରେ ବିଦ୍ୟାର୍ଥୀ ପଧାନ ଓ ମାନସି ହିଣ୍ଡଚା ୮.୫୪ ଏସଜିପିଏରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ସଫଳତା ପାଇଁ କଲେଜ ନିର୍ଦ୍ଦେଶକ ଦୀପକ ଗୋୟଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ ତଥା ଅଧ୍ୟାପକ ଓ ଅଧ୍ୟାପିକାମାନେ ଅଭିନନ୍ଦନ ଜଣାଇଛନ୍ତି ।

## ବଜ୍ରପାତରେ ଜଣେ ମୃତ, ୩ ଆହତ

**ବରପାଲି, ୫।୬(ସମିସ):** ବରପାଲି ବ୍ଲକ ରେଟାମୁଣ୍ଡା ଗ୍ରାମରେ ମଙ୍ଗଳବାର ରାତିରେ ବଜ୍ରାଘାତ ଯୋଗୁଁ ଜଣକର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ରେଟାମୁଣ୍ଡା ଗ୍ରାମରେ ଚାଷୀମାନେ ଧାନ ଅମଳ ପାଇଁ ବିଲରେ ଥିବାବେଳେ ବଜ୍ରପାତର ଘଟିଥିଲେ । ଏଥିରେ ରେଟାମୁଣ୍ଡାର ସୁରେଶ ଧରୁଆଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ୩ ଜଣ ଆହତଙ୍କୁ ବରପାଲି ଓ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ମୃତକଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ରହିଥିବା ବେଳେ ସେ ଜଣେ କ୍ଷୁଦ୍ର ନାମମାତ୍ର ଚାଷୀ ଅଟନ୍ତି । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ବରପାଲି ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରାଇଛି ।

## ଜିଲ୍ଲାରେ ୭ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ବରଗଡ଼, ୫।୬(ସମିସ):** ବରଗଡ଼ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତକଙ୍କ ମଧ୍ୟରୁ ବରଗଡ଼ ହାଟପଦାର ସୁବଳ ବେହେରା ଓ ବରଗଡ଼ ତୋରାର ପନଚେସ ହନୁମାନଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ତାହା ସ୍ପଷ୍ଟ ହୋଇଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି । ସେହିପରି ଭେଡେନ ଅଇଁଲାପାଲିର ଦୁର୍ଯ୍ୟୋଧନ ନାୟକ, ଭେଡେନ ଗର୍ଭଣାର ରଙ୍କ ଚେତି, ଅମ୍ବାଭୋନାର ବିଜୟ କୁମାର ସା, ଭେଡେନ ଅରେଇଗୁଡିର ମୁନି ପାତ୍ର ଏବଂ ବରଗଡ଼ କଳାପାଣିର ସୁଦାମ ବନଛୋରଙ୍କ ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ହୋଇଛି ।

## ଡଭା ଭଣ୍ଡାରପୁରୀ ରାସ୍ତାର ଶୋଚନୀୟ ଅବସ୍ଥା

**ଝାରବନ୍ଧ, ୫।୬(ସମିସ):** ଝାରବନ୍ଧ ବ୍ଲକ ଡଭା ଭଣ୍ଡାରପୁରୀ ରାସ୍ତା ଶୋଚନୀୟ ହୋଇ ପଡ଼ିଛି ।



ଏହି ରାସ୍ତା ଛତିଶଗଡ଼ ରାଜ୍ୟ ସହିତ ସଂଯୋଗ କରୁଥିବାରୁ ପ୍ରତ୍ୟହ ଶତାଧିକ ଯାନବାହାନ ଯାତାୟତ କରିଥାଏ । ମୁଖ୍ୟତଃ ଛତିଶଗଡ଼ ରାଜ୍ୟ ସାଂକ୍ରା, ମହାସମୁନ୍ଦ, ପିଥୋରା ଆଦି ବ୍ୟବସାୟୀକ ପେଣ୍ଠସ୍ଥଳୀ ଥିବାରୁ ଏଠାକୁ ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ସାମଗ୍ରୀ ନେଇ ବହୁ ଭାରୀଯାନ ଯାତାୟତ କରିଥାଏ । ଫଳରେ ଏହି ସବୁବେଳ ବ୍ୟସ୍ତ ରହିଥାଏ । ରାସ୍ତାସାରା ଖାଲଖମା ଥିବାରୁ ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ହେଉଛି । ନିକଟରେ ଡଭା ସାପ୍ତାହିକ ବଜାର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟାଙ୍କ ଓ ଅନେକ ସରକାରୀ, ବେସରକାରୀ ପ୍ରତିଷ୍ଠାନ ଥିବାରୁ ବହୁତ ଲୋକ ଯାତାୟତ କରନ୍ତି । ତେଣୁ ଏହି ବ୍ୟସ୍ତବହୁଳ ରାସ୍ତା ଶୀଘ୍ର ମରାମତି କରିବାକୁ ଦାବି ହେଉଛି ।

## କାଳବୈଶାଖୀରେ ଭାଙ୍ଗିଲା ଅସଂଖ୍ୟ ଗଛ



**ଝାରବନ୍ଧ, ୫।୬(ସମିସ):** କାଳବୈଶାଖୀ ଯୋଗୁଁ ଝାରବନ୍ଧ ଡଭା ରାସ୍ତାରେ ଅସଂଖ୍ୟ ଗଛ ଭାଙ୍ଗି ଯାଇଛି । ବୁଧବାର ରାତ୍ରିରେ ହଠାତ ଘଡ଼ଘଡ଼ି ସହିତ ବର୍ଷା ହେବା ସହିତ ପ୍ରବଳ ବେଗରେ ପବନ ବୋହିବା ଦ୍ୱାରା ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଥିଲା । କେତେକ ସ୍ଥାନରେ ରାସ୍ତା ଉପରେ ଗଛ ପଡ଼ିଥିବାରୁ ରାସ୍ତା ଅବରୋଧ ହୋଇଥିଲା । ସକାଳେ ଗ୍ରାମବାସୀ ଗଛକୁ କାଟି ରାସ୍ତା ଅବରୋଧ ହଟାଇ ଥିଲେ ।

## ସାବିତ୍ରୀ ପାଇଁ ବରଗଡ଼ ବଜାର ସରଗରମ



**ବରଗଡ଼, ୫।୬(ସମିସ):** ଗୁରୁବାର ସାବିତ୍ରୀ ବ୍ରତ ଥିବା ବେଳେ ତାର ଦିନକ ପୂର୍ବରୁ ବରଗଡ଼ରେ ବଜାର ବେଶ ସରଗରମ ରହିଛି । ବିଶେଷକରି ଫଳ ବଜାରରେ ଲୋକଙ୍କ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଛି । ସାବିତ୍ରୀ ବ୍ରତ ପାଇଁ ୨୧ ପ୍ରକାର ଫଳ ଦରକାର ପଡୁଥିବା ବେଳେ ଲୋକେ ତାକୁ ବଜାରରୁ କିଣି ଥାନ୍ତି । ଏହାର ସୁଯୋଗ ନେଇ ଦୋକାନୀ ମାନେ ବିଭିନ୍ନ ଫଳକୁ ଚଢ଼ା ଦରରେ ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି । ବରଗଡ଼ ରାଜୀବ ଗାନ୍ଧୀ ଛକରେ ଜାମୁକୋଲି, ଚାର, ତାଳ, ମହୁଲ ଆଦି ବନ୍ୟଜାତ ଫଳ ସହ ସେଓ, କଦଳୀ, ଅଙ୍ଗୁର, ନାସପତି, ଲିଚୁ, ତରଭୁଜ, ଆମ୍ବ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଫଳ ବିକ୍ରି ହେଉଥିବା ବେଳେ ଗ୍ରାହକ ମଧ୍ୟ ଗୋଟିଏ ସ୍ଥାନରୁ ତାହା କିଣି ନେଉଥିଲେ । ବୁଧବାର ବରଗଡ଼ ବଜାରରେ ତରଭୁଜ କିଲୋ ୪୦ ରୁ ୫୦ ଟଙ୍କା ରହିଥିବା ବେଳେ ସେଓ କିଲୋ ୧୨୦ ରୁ ୩୨୦ ଟଙ୍କା, କଦଳୀ ଡଜନ ୫୦ ଟଙ୍କା, ଅଙ୍ଗୁର ୧୬୦ ରୁ ୨୦୦, ମୌସୁମୀ ୧୦୦ ଟଙ୍କା, ଲିଚୁ ୨୫୦ ଟଙ୍କା, ଆମ୍ବ ୮୦ ଟଙ୍କା, ସାନ୍ତରା ୧୬୦ ଟଙ୍କା ରହିଥିଲା । ଫଳର ଦର ଯାହା ହେଉ ନା କାହିଁକି ଗ୍ରାହକ ତାକୁ କିଣିବାକୁ ବାଧ୍ୟ ହେଉଥିଲେ । ସେହିପରି ସାବିତ୍ରୀ ପାଇଁ ଶାଢ଼ୀ ଦୋକାନ ଏବଂ ଚୁଡ଼ି ଦୋକାନରେ ମଧ୍ୟ ନାହିଁ ନ ଥିବା ଗହଳି ଦେଖିବାକୁ ମିଳିଥିଲା ।

## ନବ ନିର୍ବାଚିତ ବିଧାୟକଙ୍କୁ ଗୁଦେରପାଲିରେ ସ୍ୱାଗତ ସମ୍ବର୍ଦ୍ଧନା

**ଗୁଦେରପାଲି, ୫।୬ (ସମିସ):** ବିଜେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୁଦେରପାଲି ବସଷ୍ଟାଣ୍ଡ ଠାରେ ନବ ନିର୍ବାଚିତ ବିଧାୟକ ସନତ ଗଡ଼ତିଆଙ୍କୁ ଏ ଅଞ୍ଚଳର ଯୁବ ଗୋଷ୍ଠୀ ତଥା ଜନ ସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିଧାୟକ ମଧ୍ୟ ଆଗାମୀ ଦିନରେ ଏ ଅଞ୍ଚଳର ରହିଯାଇଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ତଥା ଜନ ହିତକାରୀ କାର୍ଯ୍ୟ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ବିକାଶ ବିଶ୍ୱାଳ, ଜଗନ୍ନାଥ ଦେହେରୀ, ସାହେବ ପାତ୍ର, ଦେବନ୍ତ ବିଶ୍ୱାଳଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ନୃସିଂହନାଥରେ ବିଶ୍ୱ ପରିବେଶ ଦିବସ ପାଳିତ



**ପାଇକମାଲ, ୫।୬(ସମିସ):** ପାଇକମାଲ ବ୍ଲକ ନୃସିଂହନାଥ ଗନ୍ଧମାର୍ଦ୍ଦନ ବନସ୍ପତି ଓ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ, ବରଗଡ଼ର ମିଳିତ ଆନୁକୂଲ୍ୟରେ ନୃସିଂହନାଥ ସ୍ଥିତ ଗନ୍ଧମାର୍ଦ୍ଦନ ବନସ୍ପତି ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । ଉପସ୍ଥିତ ପରିବେଶ କର୍ମୀମାନଙ୍କ ଦ୍ୱାରା ତଥା ପ୍ରକୃତି ବନ୍ଧୁ ମାନେ ଏକ ବଉଳଚାରା ରୋପଣ କରି ଏକ ଫଣଫଣା ବୃକ୍ଷକୁ ସିନ୍ଦୂର, ନଡ଼ିଆ ଅର୍ପଣପୂର୍ବକ ବସ୍ତ୍ରଦାନକରି ବୃକ୍ଷଦେବତାଙ୍କୁ ପୂଜନ କରିଥିଲେ । ବରଗଡ଼ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ଉପ ସଭାପତି ପ୍ରକୃତିବନ୍ଧୁ ବଡ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ଉପ ସଭାପତି ପ୍ରକୃତିବନ୍ଧୁ ଭୁବନେଶ୍ୱର ପ୍ରଧାନ, ସମ୍ପାଦକ ମୀନକେତନ ସାହୁ, ପ୍ରକୃତି ବନ୍ଧୁ ବିଭୂତି ଭୂଷଣ ମୁଣ୍ଡ, ପ୍ରକୃତି ବନ୍ଧୁ ନନ୍ଦଲାଲ ନାୟକ, ପ୍ରକୃତି ବନ୍ଧୁ ଧିରେନ ମହାନ୍ତି, ଡା. ସୁରେଶ ଅଗ୍ରୱାଲ, ସୁଶାନ୍ତ ସାହୁ ତଥା ବରିଷ୍ଠ ସାମ୍ବାଦିକ ସୁରଥ ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ବିଶ୍ୱ ଉତ୍ତାପନକୁ ନିୟନ୍ତ୍ରଣ କରିବା ପାଇଁ ସମଗ୍ର ଜିଲ୍ଲାରେ ପର୍ଯ୍ୟାପ୍ତ ବୃକ୍ଷ ରୋପଣ ଓ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା, ବ୍ୟାପକ ଜନ ସଚେତନତା ସହ ପରିବେଶ କର୍ମୀ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ଗନ୍ଧମାର୍ଦ୍ଦନ ବନସ୍ପତିର ସମ୍ପାଦକ ପ୍ରକୃତିବନ୍ଧୁ ବିଭୂତି ଭୂଷଣ ମୁଣ୍ଡ ସଂଯୋଜନା କରିଥିବା ବେଳେ ପ୍ରକୃତିବନ୍ଧୁ ନନ୍ଦଲାଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଜେଇ ଟପ୍ପର ନିର୍ଲିପ୍ତା ସାହୁ

**ଝାରବନ୍ଧ, ୫।୬(ସମିସ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ଟପ୍ପର ହୋଇ ଝାରବନ୍ଧର ଝିଅ ନିର୍ଲିପ୍ତା ସାହୁ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି । ସେ ଟେକ୍ସଟାଇଲ ଇଞ୍ଜିନିୟରିଂରେ ଓଜେଇ ପରୀକ୍ଷା ଦେଇଥିଲେ । ଜଣେ ସାଧାରଣ ମହିଳା ବର୍ଗରେ ପରୀକ୍ଷା ଦେଇ



ରାଜ୍ୟ ଟପ୍ପର ଖବର ପ୍ରଚରିତ ହେବା ପରେ ଝାରବନ୍ଧ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ସୂଚନା ଯୋଗ୍ୟ ଯେ, ନିର୍ଲିପ୍ତା ସାହୁ ଝାରବନ୍ଧ ଜୁନିୟର କଲେଜ ଅବସର ପ୍ରାପ୍ତ ଅଧ୍ୟକ୍ଷ ସାନନ୍ଦ କୁମାର ସାହୁ ଓ ଧରିତ୍ରୀ ସାହୁଙ୍କ ସୁକନ୍ୟା ଅଟନ୍ତି ।

### ବୃକ୍ଷରୋପଣ ପାଇଁ 'ମଞ୍ଜିଗୁଳା'

# ସବୁଜ ବିସ୍ଫୋରଣ ପ୍ରୟାସରେ ଆଶିଷ ଜ୍ୟୋତିଷ

**ବରଗଡ଼, ୫।୬(ସମିସ)**

ସମ୍ପ୍ରତି ମଧ୍ୟପ୍ରାଚ୍ୟରେ ବୋମା ଓ ବାରୁଦର ଧୂଆଁ । ଦିନକୁ ଦିନ ସବୁଜ ପୃଥିବୀ ପ୍ରତି ବିପଦର କଳା ବାଦଲ ମାଡ଼ି ଆସୁଛି । ସତେ ଯେମିତି ମଣିଷ ପରିବେଶ ପ୍ରତି ଆଖି ବୁଜି ଦେଇଛି । ଏପରି ସମୟରେ 'ସିଡ୍ ବମ୍ବ' ବା 'ମଞ୍ଜି ଗୁଳା' ଫିଙ୍ଗି ପୃଥିବୀ ପୃଷ୍ଠରେ ସବୁଜ ବୃକ୍ଷ ସଂଖ୍ୟାରେ ବିସ୍ଫୋରଣ ସୃଷ୍ଟି କରିପାରିଛନ୍ତି ବରଗଡ଼ ଜିଲ୍ଲାର ଯୁବ ପରିବେଶ ରକ୍ଷକ ଆଶିଷ ଜ୍ୟୋତିଷ । ଅଜା ଅଭେଲ ଜ୍ୟୋତିଷ ଜଣେ ଅବସରପ୍ରାପ୍ତ ଶିକ୍ଷକ । ଅବସରରେ ନେଲା ପରେ ସେ ଯୁବାଖୋଲ ପାହାଡ଼ ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ପ୍ରତି ଅନେକ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ଜଙ୍ଗଲ କମିଟିର ଜଣେ ମୁଖ୍ୟ ସଭାପତି ହୋଇ ଗାଁ ଯେଉଁ ପାଣ୍ଠି ରେ ପଇସା ଥାଏ ଜଙ୍ଗଲ ନିଆଁ ଲିଭା ଠାରୁ ଆରମ୍ଭ କରି ଜଙ୍ଗଲ ସୁରକ୍ଷା ପାଇଁ କାମରେ ଲଗାନ୍ତି । ଚାରା ରୋପଣ ଗାଁ ର ଅନେକ ଲୋକ ୧୦ ରୁ ଏଗାର ଜଣ ଭାଗ ହୋଇ ଜଗୁଆଳି ହିସାବରେ ଦାୟିତ୍ୱ ନିର୍ବା । ।ହ କରିଥାନ୍ତି । ଗଛ ହାଣି ନନେଇ ପାରିବେ ଯେମିତି । ତାରି ସୁରକ୍ଷା ସବୁ ବେବେ କରିଥାନ୍ତି । ନିମ୍ବ, ବାଉଁଶ, ମହୁଲ, ତାର, ବିଜା, ପିପଲ ପ୍ରଭୃତି ଅନେକ ପ୍ରକାରର ଗଛ ରହି ଅଛି, ୧୬ ଶହ ଏକର ପାହାଡ଼ ପର୍ବତ ଘେରା ଅଞ୍ଚଳ ଯୁବାଖୋଲ ଗ୍ରାମ । ଅନେକ ପ୍ରଜାତିର ଜୀବଜନ୍ତୁ ଦେଖବାକୁ ମିଳେ ଏହି ଜଙ୍ଗଲ ରେ ହରିଣ, ବାଘ, ଭାଲୁ, ଚିତା, ସବୁ ଜୀବଜନ୍ତୁ ଦେଖିବାକୁ ମିଳେ । ତେଣୁ ଆଶିଷ ପିଲାଦିନ ଜଙ୍ଗଲର ସବୁଜ ପରିବେଶରେ ଦିନ କଟିଥିଲା । କୁନି ଆଶିଷ ଛୋଟ ଛୋଟ ଚାରା ଲଗାଇ ତାକୁ ମହାଦ୍ରୁମରେ ପରିଣତ କରିବାର ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ । ଉଚ୍ଚଶିକ୍ଷିତ ସବୁଜ ବନାନୀର ମୋହରେ ପଡ଼ିଯାଇଛନ୍ତି ଆଶିଷ । ଚାରା ରୋପଣ କରି ଜଙ୍ଗଲ ସୃଷ୍ଟି କରିବା ସମୟ ସାପେକ୍ଷ । ତେଣୁ ସେ ଆପଣାଇଲେ ଜାପାନର କୃଷକ ଏବଂ





ଦାର୍ଶନିକ ମାସାନୋବୁ ଫୁକୋକାଙ୍କ ଗରିଲା ଶୈଳୀ । ଚାରା ରୋପଣ କରିବା ପରିବର୍ତ୍ତେ ମାଟିର ଏକ ବଲ୍ (ପେଣ୍ଡୁ) ରେ ମଞ୍ଜି ରଖି, ତାହାକୁ ଜଙ୍ଗଲ ସୃଷ୍ଟି କରିବାକୁ ଚାହୁଁଥିବା ସ୍ଥାନରେ ଫିଙ୍ଗିବା ହେଉଛି ଏହି ଜାପାନୀ ଉପାୟ ଏହି ଉପାୟରେ ପ୍ରଥମେ ପରିବା ଚୋପା, ପଚି ଯାଉଥିବା ଫଳ ଆଦିକୁ ଗାତ ଖୋଳି ପୋତି ଦିଆଯାଏ । କିଛିଦିନ ପରେ ଏହା ଉତ୍କୃଷ୍ଟ ଖତରେ ପରିଣତ ହୋଇଯାଇଥାଏ । ଏହି ଖତ ଓ ମାଟିକୁ ମିଶାଇ ଏକ ପେଣ୍ଡୁ ପ୍ରସ୍ତୁତ କରାଯାଏ । ଏହା ମଧ୍ୟରେ ଗୋଟିଏ କିମ୍ବା ଦୁଇଟି ଭଲ ମଞ୍ଜିକୁ ରଖି ଗୁଳା ପ୍ରସ୍ତୁତ କରାଯାଏ । ଏହି ଗୁଳାକୁ ଗୋଟିଏ ଦିନ ପାଇଁ ରଖିଦିଆଯାଏ । ଗୁଳା ଟାଣ ହୋଇଯିବା ପରେ ବୁଦୁବୁଦୁକିଆ ଜଙ୍ଗଲ, ରାସ୍ତା ପାର୍ଶ୍ୱ, ସ୍କୁଲ୍ ପଡ଼ିଆ କିମ୍ବା ନଦୀକୂଳ ଆଦି ସ୍ଥାନରେ ଫିଙ୍ଗିଦିଆଯାଏ । ତେବେ ଏହା ପୂର୍ବରୁ ଉତ୍କୃଷ୍ଟ ମଞ୍ଜି ସଂଗ୍ରହ କରାଯାଏ । ଖରାଦିନେ ଏହି ମଞ୍ଜି ସଂଗ୍ରହ କାମ ହୋଇଥାଏ । ଏହି ପେଣ୍ଡୁ ପ୍ରସ୍ତୁତ କରିବା ଲାଗି ସାଧାରଣତଃ କେନ୍ଦୁ, ଜାମୁ, ସପେଟା, ଅର୍ଜ୍ଜୁନ ଆଦି ମଞ୍ଜି ସଂଗ୍ରହ କରାଯାଏ । ଖରାଦିନରେ ଏହାକୁ ପ୍ରସ୍ତୁତ କରିବା ପରେ ମୌସୁମୀ ଆଗମନ ଓ ବର୍ଷା ଆରମ୍ଭ ହେଲେ ଏହାକୁ ଚିହ୍ନଟ ସ୍ଥାନରେ ଫିଙ୍ଗାଯାଇଥାଏ । ଆଶିଷଙ୍କ କହିବା ଅନୁଯାୟୀ ଏହି ପ୍ରକ୍ରିୟାରେ ସେ ଅନେକ 'ମଞ୍ଜି ଗୁଳା' ଫିଙ୍ଗିଛନ୍ତି । ଓଡ଼ିଶାର ସମସ୍ତ ଜିଲ୍ଲାରେ ଏହି ଗୁଳା ପ୍ରକ୍ରିୟାରେ ସବୁଜ ବିପ୍ଳବ ଆରମ୍ଭ କରିରିବାକୁ ଆହ୍ୱାନ ଦେଇଛନ୍ତି ଆଶିଷ । ଦୀପାବଳିରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ନ ଫୁଟାଇ 'ସିଡ୍ ବମ୍' ଫିଙ୍ଗିବାକୁ ଆଶିଷ ଛୋଟ ପିଲାମାନଙ୍କୁ ବୁଝାନ୍ତି । ପ୍ରତି ପର୍ବପର୍ବାଣିରେ ଏପରି ଗଛ ଲଗାଇ ଉତ୍ସବକୁ ପ୍ରତିଭରା କରିବାକୁ ସେ ସମସ୍ତଙ୍କୁ ପ୍ରୋତ୍ସାହିତ କରନ୍ତି । ଆଶିଷଙ୍କ କହିବା କଥା ବର୍ତ୍ତମାନର ଯୁବପିଢ଼ି ଡିଜିଟାଲ୍ ମନସ୍କ । ଏହା ଶୁଭ ଲକ୍ଷଣ । ମାତ୍ର ସବୁବେଳେ ଏଥିରେ ସମୟ ନଷ୍ଟ ନକରି, କଂକ୍ରିଟ୍ ଜଙ୍ଗଲରେ ନବୁଲି କିଛି ସମୟ ବାହାର କରି ସବୁଜ ବନାନୀ ଓ ପ୍ରାକୃତିକ ପରିବେଶରେ କାଟିବା ଦରକାର ଏପରି ହେଲେ ଜଣେ ପ୍ରକୃତିକୁ ଭଲ ପାଇବ ଏବଂ ଏହାର ସୁରକ୍ଷା କରିବାକୁ ଯତ୍ନବାନ ହେବ। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ବରଗଛ ଆଇନ କଲେଜରେ ବିଏ ଏଲ୍.ଏଲ୍. ବି କରିଥିବା ଏବଂ ବରଗଡ଼ ଜିଲ୍ଲାର ଗାଇସିଲେଟ ବ୍ଲକର ଅନ୍ତର୍ଗତ କଟାବାହାଲ ପଞ୍ଚାୟତ ଅଧିନରେ ଥିବା ଯୁବାଖୋଲ ସ୍ଥାୟୀ ବାସିନ୍ଦା ଆଶିଷ ସମ୍ପ୍ରତି ପରିବେଶ ସୁରକ୍ଷା, ସଚେତନା ଓ ସବୁଜ ବନାନୀ ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଜ୍ୟର ବିଭିନ୍ନ ସ୍ଥାନ ଘୁରି ବୁଲୁଛନ୍ତି ।






## ଶୃଙ୍ଖଳିତ ନିର୍ବାଚନ ପାଇଁ ଧନ୍ୟବାଦ ଜଣାଇଲେ ଜିଲ୍ଲାପାଳ




**ଦେବଗଡ଼, ୫।୬(ସମିସ):** ଚଳିତ ସାଧାରଣ ନିର୍ବାଚନ ଦେବଗଡ଼ ଜିଲ୍ଲାରେ ବେଶ୍ ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି। ଏଥିପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଭାରତର ନିର୍ବାଚନ କମିଶନରଙ୍କ ନିର୍ବାଚନ ଘୋଷଣା ପରଠାରୁ ଗଣନା ସରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ରହିଥିଲା। ଦେବଗଡ଼ ଜିଲ୍ଲା ଶିକ୍ଷା, ସଂସ୍କୃତି ଓ ଭାଇଚାରାର ସହର। ଜିଲ୍ଲାର ଅଧିବାସୀ ଏହି ନିର୍ବାଚନରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଶାନ୍ତି ଶୃଙ୍ଖଳା ସହିତ ଗଣତି କାର୍ଯ୍ୟ ସୁରୁଖୁରୁରେ ସରି ଫଳାଫଳ ମଧ୍ୟ ପ୍ରକାଶ ପାଇଛି। ଗଣତନ୍ତ୍ରର ଏହି ମହା ପର୍ବରେ ସାଧାରଣ ଜନତା, ମତଦାତା, କାର୍ଯ୍ୟକୁ ତଦାରଖ କରୁଥିବା ପର୍ଯ୍ୟବେକ୍ଷକଗଣ, ଗଣମାଧ୍ୟମ ପ୍ରତିନିଧି, ନିର୍ବାଚନ ପରିଚାଳନା କରୁଥିବା ଜିଲ୍ଲାର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସମସ୍ତ ରାଜନୈତିକ ଦଳର ନେତୃମଣ୍ଡଳୀ ଓ ସେମାନଙ୍କ ପ୍ରତିନିଧିଙ୍କ ସହଯୋଗ ପାଇଁ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ଧନ୍ୟବାଦ ଦେଇଛନ୍ତି।

## ବିଶ୍ୱ ପରିବେଶ ଦିବସ ପାଳିତ




**ଦେବଗଡ଼, ୫।୬(ସମିସ):** ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଦେବଗଡ଼ ବନଖଣ୍ଡ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଅନୁପମା ଜେମ୍ସ ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ଯୋଗ ଦେଇଥିଲେ। ଅତିଥିଗଣ ବିଶ୍ୱ ପରିବେଶ ଦିବସ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏଥିସହ ପ୍ଲାଷ୍ଟିକ ବ୍ୟବହାରକୁ ହ୍ରାସ କରିବା ସହ ନୂତନ ଚାରାରୋପଣ ସହ ବନାଗ୍ନି ରୋକିବା ନେଇ ଜନ ସଚେତନତା ସୃଷ୍ଟି ପାଇଁ ଗୁରୁତ୍ୱାରୋପ କରିଥିଲେ। ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସୋ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବନ କର୍ମଚାରୀ, ଗଜ ସାଥୀ ଓ ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ସମ୍ମାନୀତ କରାଯାଇଥିଲା। ଏସିଏଫ୍ ସ୍ୱାଧୀନତା ସାହାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ

# ପରିବେଶଧର୍ମୀ ଜିନିଷ ବ୍ୟବହାର ପାଇଁ ପରାମର୍ଶ








**ଝାରସୁଗୁଡ଼ା, ୫।୬(ସମିସ)**

ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଡୁଡୁକାବାହାଲ ବନସୁରକ୍ଷା ସମିତିର ହତିଆନାଲା ଡ୍ୟାମଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ହତିଆ ନାଲା ଡ୍ୟାମଠାରେ ଚାରାରୋପଣ କରାଯାଇଥିଲା। ବାଗଡ଼ିହି ବନାଞ୍ଚଳର ଅଧିକାରିଣୀ ବନ୍ଦନା ପସାୟତ ମୁଖ୍ୟଅତିଥି




ଭାବେ ଯୋଗଦେଇ ଭୂମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ମୁକାବିଲା ବିଷୟରେ ଆଲୋକପାତ କରିଥିଲେ। ଆଦର୍ଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦୀପ କୁମାର ବେହେରା ଅତିଥିଭାବେ ଯୋଗଦେଇ ପ୍ଲାଷ୍ଟିକ ତିଆରି ଜିନିଷପତ୍ରକୁ ପରିହାର କରି ପରିବେଶଧର୍ମୀ ଜିନିଷପତ୍ରକୁ ଅଧିକ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ପ୍ଲାଷ୍ଟିକ ପରିବର୍ତ୍ତେ ଝୋଟ ବ୍ୟାଗ ଓ କାଗଜ ତିଆରି ବ୍ୟାଗ ବ୍ୟବହାର ଗୁରୁତ୍ୱ ଉପରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳସେଚନ ବିଭାଜନ ଝାରସୁଗୁଡାର କର୍ମଚାରୀ ଶୀର୍ଷ ଦର୍ଶା ଉପସ୍ଥିତ ଥିଲେ। ଡୁଡୁକାବାହଲ ବନସୁରକ୍ଷା ସମିତିର ସଭାପତି, କୋଷାଧ୍ୟକ୍ଷ, ସଭ୍ୟସଭ୍ୟା, ଗ୍ରାମର ବୟୋଜ୍ୟେଷ୍ଠ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ବାଗଡ଼ିହି ବନାଞ୍ଚଳର ବନପାଳ ମୁରାରୀ ପ୍ରସାଦ ସାହୁ, ଅମୀର ପଟେଲ, ପ୍ରଦୀପ ବେଶନ, ବନରକ୍ଷୀ ବିପିନ ସା, ସୁନାଦେଇ ମେହେର, ସଙ୍ଗୀତା ନାଏକ, ଅଞ୍ଜଳି ପ୍ରଧାନ, ଟିମ ଲିଡର ଚୁଡାମଣି ବେହେରା, ଡିଓଏନଆରଏମ ଭକ୍ତି ଜେନା, ଡିଓସିଡିଏଲ ସତ୍ୟସ୍ମିତା ବେହେରା, କୋଡିନେଟର ଶକ୍ତି ପ୍ରକାଶ ନାଏକ, ଦିବ୍ୟ ରଞ୍ଜନ ସାହୁ, ଡିଇଓ ସୁଶୀଲ ମହାପାତ୍ର, ଗତିଶ ଚନ୍ଦ୍ର ନାଏକ, ଆକାଉଣ୍ଟାଣ୍ଟ ବିକାଶ ରଞ୍ଜନ ବେହେରା ଉପସ୍ଥିତ ଥିଲେ।

### ଡିଏଫଓ କାର୍ଯ୍ୟାଳୟ

**ଝାରସୁଗୁଡ଼ା :** ବିଟିଏମ୍‌ସ୍ଥିତ ନୂତନ ଡିଏଫଓ କାର୍ଯ୍ୟାଳୟଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଡିଏଫଓ ମନୁ ଅଶୋକ ଭଙ୍ଗ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନେହା ଦାସ, ଏସିଏଫ୍ ଲଳିତ କୁମାର ନାଏକ, ବଳଜୀତ ଡୁଙ୍ଗଡୁଙ୍ଗ, ପ୍ରହଲ୍ଲାଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ନୂତନ ଡିଏଫଓ କାର୍ଯ୍ୟାଳୟ ସମ୍ମୁଖରେ ଚାରା ରୋପଣ କରିଥିଲେ।

### ବେଲପାହାଡ଼ ବିଇଏମ୍ ସ୍କୁଲ

**ଝାରସୁଗୁଡ଼ା :** ବେଲପାହାଡ଼ ଇଂରାଜୀ ମଧ୍ୟମ ବିଦ୍ୟାଳୟ (ବିଇଏମ୍ଏସ୍) ରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବେଲପାହାଡ ବନାଞ୍ଚଳର ରେଞ୍ଜ ଅଧିକାରିଣୀ ସର୍ମିଳି ନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅଭୟ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼ ଓ ବରିଷ୍ଠ ଶିକ୍ଷୟିତ୍ରୀ ରୁବି ଡାନିଏଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟର ଇକୋ କ୍ଲବ ଇନଚାର୍ଜ ଶିକ୍ଷକ ହମିଦ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରର ବିଷୟ ଥିଲା 'ଆମ ପୃଥିବୀ ଆମର ଭବିଷ୍ୟତ'। ପରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁନନ୍ତ କୁମାର ପଣ୍ଡା, ଶିବୁ ଡାନିଏଲ, ଅଭିଶେକ ଶର୍ମା ଓ ବିଦ୍ୟାଳୟର ଅନ୍ୟ ସଦସ୍ୟ ଓ ବନ କର୍ମଚାରୀ ଉପସ୍ଥିତ ଥିଲେ।

### ନରସିଂହ ହାଇସ୍କୁଲ

**ଝାରସୁଗୁଡ଼ା :** ଛୁଆଲିବେର୍ଣ୍ଣା ନରସିଂହ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ପରିବେଶ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ରାଲି ଛୁଆଲିବେର୍ଣ୍ଣା ଗାଁ ଭ୍ରମଣ କରିଥିଲା। ପରିବେଶ ରକ୍ଷା ପାଇଁ ବୃକ୍ଷ ଲଗାଇବା ପାଇଁ ଏହି ରାଲି ମଧ୍ୟରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ନରସିଂହ ହାଇସ୍କୁଲ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଏମସିଏଲ ଜିମେ୍ ଇବ୍‌ଭ୍ୟାଲି ଅବଧ କିଶୋର ପାଣ୍ଡେ, ଝାରସୁଗୁଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ରୀୟ ପ୍ରବନ୍ଧକ ହୀରଣ୍ୟ କୁମାର ନାଏକ ସମ୍ମାନିତ ଅତିଥି ଭାବରେ ବ୍ରଜରାଜନଗର ରେଞ୍ଜର ରିସ୍ମା ଜେମାଦେଇ, ଡେପୁଟି ରେଞ୍ଜର ସୁଦେଶଲନା ପ୍ରଧାନ, ଏମସିଏଲର ବରିଷ୍ଠ ଅଧିକାରୀ ଭିକେ ସିଂହ, ଦିଲ୍ଲୀପ କୁମାର ପାତ୍ର, ସମ୍ବିତ କୁମାର ମୁଣ୍ଡା, ସ.ଅମୁଗ୍ୟମ୍, ଏମସିଏଲ ପରିବେଶ ଅଧିକାରୀ ଅନୁଷୁୟା ଏକ୍କା, ବନବିଭାଗର ଗୌରାଙ୍ଗ ସାହୁ, ପ୍ରଶାନ୍ତ ବାଗ, ହରିପ୍ରିୟା ଭୋଇ, ସଙ୍ଗୀତ ଚୌଧୁରୀ, ଉପେନ୍ଦ୍ର ବେସନ୍, ରୀମା ପଟେଲ, କିଶୋର ଷଣ୍ଢ, ସୋନମ ପଟେଲ ଓ ସଂଘମିତ୍ରା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ଅତିଥି ପରିଚୟ ସ୍କୁଲ ପରିଚାଳନା କମିଟିର ସଭାପତି ଝାରୁ ଭଏଁଷାଲ କରିଥିଲେ। ସ୍କୁଲ ପରିଚାଳନା କମିଟିର ସଦସ୍ୟ ଦିଲ୍ଲୀପ ପ୍ରଧାନ, ପ୍ରଧାନ ଶିକ୍ଷକ ହୃଷିକେଶ ପାତ୍ର ଉପସ୍ଥିତ ରହିଥରଲେ। ସ୍କୁଲର ଖେଳ ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀସହଯୋଗ କରିଥିଲେ।

## ହାଟରୁ ହେଉଛି ମୋବାଇଲ୍ ଚୋରି

**ଝାରସୁଗୁଡ଼ା, ୫।୬(ସମିସ):** ଝାରସୁଗୁଡ଼ା ସହରର ବିଭିନ୍ନ ସପ୍ତହିକ ହାଟରୁ କ୍ରମାଗତ ଭାବରେ ମୋବାଇଲ ଚୋରି ହେଉଥିବା ଅଭିଯୋଗ ହେଉଛି। ସାବିତ୍ରୀ ଅମାବସ୍ୟା ପାଇଁ ଝାରସୁଗୁଡ଼ାର ବିବିନ୍ନ ସ୍ଥାନରେ ଫଳବିକ୍ରି ହେଉଥିବାବେଳେ ଜଣକର ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ବଜାରରେ ଫଳ କିଣୁଥିବାବେଳେ କୌଣସି ଦୁର୍ବୃତ୍ତ ତାଙ୍କର ମୋବାଇଲଟିକୁ ନେଇଯାଇଛି। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ବେଲପାହାଡ଼ର ସମଡ଼ା ଶନିବାର ହାଟ, ମିର୍ଦ୍ଧାଡେରା ସୋମାବାର ହାଟ ଓ ଯୋରାବଗା ରବିବାର ହାଟରୁ ଗ୍ରାହାକମାନଙ୍କର ମୋବାଇଲ ଫୋନ ଚୋରି ହେଉଥିବା ଅଭିଯୋଗ ହୋଇଆସୁଛି। ଏହି ଚୋରଙ୍କୁ ସାବାଡ଼ କରିବାରୁ ସାଧାରଣରେ ଦାବି ହୋଇଛି।

## ମାତିଛନ୍ତି ମାଫିଆ; ଜଙ୍ଗଲରୁ କାଠଗଣ୍ଡି ଚୋରି

**ଝାରସୁଗୁଡ଼ା, ୫।୬(ସମିସ):** ବେଲପାହାଡ଼ଓଥା ଲଖନପୁର ବ୍ଲକର ଜଙ୍ଗଲକୁ କାଠ ମାଫିଆମାନେ ସଫା କରିବାରେ ଲାଗିଛନ୍ତି। କେବଳ ସେତିକି ନୁହଁ ବିବାହ କାର୍ଯ୍ୟ ପାଇଁ ବଢେଇମାନେ ଅବାଧରେ ଶହଶହ ବର୍ଷର ଗଛକୁ କାଟି ଅସବାବପତ୍ର ନିର୍ମାଣ କରୁଛନ୍ତି। ଏହି କାଠକାରବାର ଦିନବେଳା ଖୋଲାଖୋଲି ଭାବରେ ଚାଲୁଥିବା ବେଳେ ବନ ବିଭାଗର ଏହା ପ୍ରତି ନିଘାନାହିଁ। ବିଶେଷକରି ଲଖନପୁର ବ୍ଲକର କୋଇଲିଘୋଘର ଜଙ୍ଗଲ, ନାକାଡେରା ଅଞ୍ଚଳ ନିକଟରେ ଥିବା ଝାରସୁଗୁଡ଼ା ଜିଲ୍ଲା ତଥା ସୁନ୍ଦରଗଡ଼ ସୀମାନ୍ତରେ ଥିବା ଜଙ୍ଗଲରୁ ଏହି କାଠ ସବୁ ଆସୁଛି। ଏହା ବ୍ୟତୀତ ମହାସିଂହ ଓ ଅତାବିରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କରାସ୍ତାରେ ସ୍ଥାନୀୟଲୋକେ ଜଙ୍ଗଲରୁ ବଡ଼ବଡ଼ କାଠ ଗଣ୍ଡି ସାଇକେଲରେ ବୋହିନେଇ ଯାଉଥିବା ନିୟମିତ ଦେଖିବାକୁ ମିଳେ। ଅନ୍ୟପକ୍ଷରେ ନିକଟରେ ଥିବା ସୁନ୍ଦରଗଡ଼ ଜିଲ୍ଲାର ହେମଗିର, କନିକା ଜଙ୍ଗଲରୁ ନିୟମିତ ଭାବରେ ଲଖନପୁର ବ୍ଲକ ଦେଇ ଲକ୍ଷଲକ୍ଷ ଟଙ୍କାର କାଠ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଚାଲାଣହେଉ ଥିବା ଦେଖିବାକୁ ମିଳୁଛି। ଜଙ୍ଗଲବିଭାଗ କଡ଼ାକଡ଼ି ଭାବରେ ପଦକ୍ଷେପ ନେଇ ଅଞ୍ଚଳରେ ଥିବା କିଞ୍ଚିତ୍ ଜଙ୍ଗଲକୁ ବଞ୍ଚାଇବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ଝାରସୁଗୁଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଲେ ଦୀପାଳି

**ଝାରସୁଗୁଡ଼ା, ୫।୬(ସମିସ):** ଝାରସୁଗୁଡ଼ା ବିଧାନସଭାର ବିଜେଡି ପ୍ରାର୍ଥିନୀ ଦିପାଳୀ ଦାସ ଚଳିତ ନିର୍ବାଚନ ରେ



୯୦ ହଜାର ପାଖାପାଖି ଭୋଟ ପାଇ ୧ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାଜିତ ହେବା ପରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଝାରସୁଗୁଡ଼ା ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଝାରସୁଗୁଡ଼ା ଜନସାଧାରଣ ଗଣତନ୍ତ୍ର ର ଏହି ମହାନ ପର୍ବରେ ଦେଇଥିବା ଭଲପାଇବାକୁ ସ୍ୱୀକାର କରିବା ସହ ଦୀପାଳି ଦାସ ଓ ତାଙ୍କ ପରିବାର ସମେତ ବିଜେଡି ଦଳ ସର୍ବଦା ଲୋକଙ୍କ ସେବା କରିବ ବୋଲି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ରବି ସିଂ, ପୌରାଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ତାପସ ରାୟ ଚୌଧୁରୀ, ରଘୁମଣି ପଟେଲ, ହରିଶ ଗଣତ୍ରା, ପି ରାମ ମୋହନ ରାଓ, ପିଣ୍ଟୁ ପାଢ଼ୀ, ମଦନ ହାତୀ, ତୁଳସୀ ଦାସ, ଆଲୋକ ତ୍ରିପାଠୀ, ସିଦ୍ଧାର୍ଥ ସରକାର, ଦିଗାମ୍ବର ଭୋଇ, ଝରଣା ସାଗରଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସ ପାଳିତ

**ବ୍ରଜରାଜନଗର, ୫।୬(ସମିସ):** ବ୍ରଜରାଜନଗର ଓପିଏମ୍ ସରକାରୀ ବାଳିକା ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଭା ମହାପାତ୍ରଙ୍କ ନେତୃତ୍ୱରେ ଗାଇଡ୍‌ମାନେ ବିଦ୍ୟାଳୟ ପରିସରକୁ ପରିଷ୍କାର କରି ଚାରା ରୋପଣ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ମାନସୀ ସାହୁ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବିଶ୍ୱ ପରିବେଶ ଦିବସ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁକ୍ତା ସୋରେନ, ବୃନ୍ଦା ପାସ୍ୱନ, ପ୍ରଦୀପ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




## ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ

**ଝାରସୁଗୁଡା, ୫।୬(ସମିସ):** ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଜେ ମଞ୍ଜୁନାଥ ଓ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ କରିଥିଲେ। ସ୍ଥାନୀୟ ସର୍କିଟ ହାଉସ ଓ ଝରିଆନାୟରସ୍ଥିତ ସମ୍ପଦ କେନ୍ଦ୍ର ପରିସରରେ ଚାରା ବୃକ୍ଷ ରୋପଣ କରାଯାଇଥିଲା। ଜେ ମଞ୍ଜୁନାଥ ପରିବେଶ ସୁରକ୍ଷା ପାଇଁ ଚାରା ରୋପଣର ଆବଶ୍ୟକତା ରହିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଝାରସୁଗୁଡା ପୌରପାଳିକା ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ମଧ୍ୟ ଚାରା ରୋପଣ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା, ପୌରପାଳିକାର କର୍ମଚାରୀ ଓ ସମ୍ପଦ କେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ




**ଦେବଗଡ଼, ୫।୬(ସମିସ):** ବିଶ୍ୱପରିବେଶଦିବସଅବସରରେଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ୱତନ୍ତ୍ର ଉପକାରାଗାର ଓ ଦେବଗଡ଼ ଆଦର୍ଶ ଥାନାରେ ଚାରାରୋପଣ କରାଯାଇଛି। ଦେବଗଡ଼ ସ୍ୱତନ୍ତ୍ର ଉପକାରାଗାର ପରିସରରେ ସ୍ୱତନ୍ତ୍ର ଉପକାରାଗାର ଅଧିକ୍ଷକ ବିକାଶ ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଅପୂର୍ବା ଚୌଧୁରୀ ଯୋଗଦେଇ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ସିଦ୍ଧେଶ୍ୱର ଗୁରୁ ଓ ସ୍ୱତନ୍ତ୍ର ଉପକାରାଗାରର ଆସିଷ୍ଟାଣ୍ଟ ସବ୍ ଜେଲର ସରିତା ସାଏଙ୍କ ସମେତ ଉପ କାରାଗାର ଓ ଜିଲା ଆଇନ ସେବା ପ୍ରାଧିକରଣର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଆଦର୍ଶ ଥାନା ପରିସରରେ ଭାରପ୍ରାପ୍ତ ଇନ୍ସପେକ୍ଟର ସରୋଜ ସେଠୀଙ୍କ ତତ୍ତ୍ୱାବଧାନରେ ମଧ୍ୟ ଶ୍ରୀମତୀ ଚୌଧୁରୀ ଯୋଗଦେଇ ଚାରା ରୋପଣ କରିଥିଲେ।

# ମାଲମାଲ ବେନିୟମ ଇଟାଭାଟି; କାର୍ଯ୍ୟାନୁଷ୍ଠାନ ଶୂନ

**ଝାରସୁଗୁଡ଼ା, ୫।୬(ସମିସ)**

ଏ ବର୍ଷ ମୋଟାଅଙ୍କର ବ୍ୟବସାୟ କଲେ ପୋଡ଼ା ଇଟା ବ୍ୟବସାୟୀ। ତଳିଆ ସରକାରୀ କର୍ମଚାରୀଙ୍କ ପକେଟରେ କିଛି ନୋଟ ଭରି ଦେଲେ ନିୟମର ଯେତେ ଉଲଂଘନ କଲେ କେହି କିଛି କହିବାର ନାହିଁ। ବଡ଼ବଡ଼ ଅଧିକାରୀ କାମରେ ବ୍ୟସ୍ତ। ସାମାନ୍ୟ ପୋଡ଼ାଇଟା ଗଢ଼ା କଥା କିଏ ପଚାରେ। ଏ ବର୍ଷ ଭଲ ଗରମ ହେଲା ଏବଂ ବର୍ଷାମଧ୍ୟ ସ୍ୱଳ୍ପ ହେଲା, ତେଣୁ ଝାରସୁଗୁଡ଼ା ତହସିଲ ଅଞ୍ଚଳରେ ଭଲ ବ୍ୟାପାର କରିଛନ୍ତି ଇଟାଭାଟି ମାଲିକ। ଝାରସୁଗୁଡ଼ା ତହସିଲର ଇବ ନଦୀ ଏବଂ ଭେଡେନ ନଦୀକୂଳରେ ଇଟାଭାଟି କରି ନା କେବଳ ରାଜସ୍ୱ ହାନି ହେଉଛି ତାହା ନୁହଁ, ପରିବେଶ ପ୍ରଦୂଷଣ, ଶିଶୁ ଶ୍ରମିକଙ୍କୁ ନିୟୋଜନ, ତଥା ଭୀଷଣ ଗରମ ପାଇଁ ମଧ୍ୟ ଦାୟୀ ଏହି ପୋଡ଼ା ଇଟା ବ୍ୟବସାୟ। କେବଳ ଗ୍ରାମାଞ୍ଚଳ ନୁହଁ ଝାରସୁଗୁଡ଼ା, ବେଲପାହାଡ଼ ଓ ବ୍ରଜରାଜନଗର ମ୍ୟୁନିସିପାଲିଟି ଅଞ୍ଚଳ ସମେତ ଜିଲ୍ଲାର ସମସ୍ତ ତହସିଲ ଅଞ୍ଚଳରେ ଏହି ପୋଡ଼ାଇଟା ଭାଟି ଏବେ ବେଶ ସକ୍ରିୟ। ଗ୍ରୀନ ଟ୍ରିବ୍ୟୁନାଲ ଅନୁଯାୟୀ ଦେଶରେ ପ୍ରଦୂଷଣର ସ୍ଥିତି ଉଦ୍‌ବେଗ ଥିବାରୁ ପୋଡ଼ା ଇଟାଭାଟିକୁ ସମ୍ପୂର୍ଣ୍ଣ ଭାବେ ବାରଣ ହୋଇଛି। ହେଲେ ନିୟମ ଯାଉଛି ତାହା ବାଟରେ। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



## ଆଜି ସାବିତ୍ରୀ ଅମାବାସ୍ୟା; ଫଳଦର ଆକାଶଛୁଆଁ



**ଝାରସୁଗୁଡ଼ା, ୫।୬(ସମିସ):** ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଆଜି ପବିତ୍ର ସାବିତ୍ରୀ ଅମାବାସ୍ୟା ପାଳନ କରାଯିବ। ଏଥିପାଇଁ ସହରରେ ଫଳମୂଳ ଦର ଆକାଶଛୁଆଁ ହୋଇଛି। ସହରର ପୁରୁଣା ବସ୍‌ଷ୍ଟାଣ୍ଡ ଓଭରବିଜ ଝଣ୍ଡାଛକ, ସରବାହାଲ ବିଟିଏମ, ପୁରୁଣା ବସଷ୍ଟାଣ୍ଡ ପଛପଟ ଡେଲି ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ଫଳ ଦର ଆକାଶଛୁଆଁ ହୋଇଛି। ଆଜି ସହରରେ କଦଳୀ ଦର୍‌ଜନ ୮୦ ଟଙ୍କା, ସେଓ କେଜି ୩୦୦ ଟଙ୍କା, ସାନ୍ତରା ୨୬୦ଟଙ୍କା, ଅଙ୍ଗୁର ୩୦୦, ତରଭୁଜ ୫୦ ଟଙ୍କା, ସପୁରୀ ୭୦, ତାଳ ୪୦, ଆମ୍ବ ୧୦୦, ଜାମୁ ୮୦, କେନ୍ଦୁ ୧୦୦ଟଙ୍କା ଲିଚୁ ୨୦୦ ଟଙ୍କା ରହିଛି।

# ବ୍ୟାଙ୍କ କର୍ମଚାରୀଙ୍କଠାରୁ ୫ ଲକ୍ଷ ଲୁଟ୍

**ଡୁଙ୍ଗୁରିପାଲି, ୫।୬(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲିରେ ମଙ୍ଗଳବାର ଦିନ ଦ୍ୱିପହରରେ ଡକାୟତି ହୋଇଛି। ସମବାୟ ବ୍ୟାଙ୍କ କ୍ୟାସିୟର ଓ ସୁରକ୍ଷାକର୍ମୀ ଡକାୟତିର ଶିକାର ହୋଇଛନ୍ତି। ଉଭୟଙ୍କୁ ପିସ୍ତଲ ଦେଖାଇ ୩ ଜଣ ଯୁବକ ୫ ଲକ୍ଷ ଟଙ୍କା ଛଡ଼ାଇ ନେଇ ଫେରାର୍ ହୋଇଯାଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଖବର ପାଇ ପୁଲିସ ଲୁଟେରାଙ୍କ ପିଛା କରିଥିଲେ ହେଁ ସେମାନଙ୍କ ସନ୍ଧାନ ପାଇନି।

ଡୁଙ୍ଗୁରିପାଲି ସମବାୟ ବ୍ୟାଙ୍କ ଶାଖାର କ୍ୟାସିୟର ଗୋପାଳ ସାହୁ ଥାନାରେ ଦେଇଥିବା ଅଭିଯୋଗ ଅନୁସାରେ ମଙ୍ଗଳବାର ମଧ୍ୟାହ୍ନ ୧ଟା ୧୦ରେ ବ୍ୟାଙ୍କ ମ୍ୟାନେଜରଙ୍କ ନିର୍ଦ୍ଦେଶକ୍ରମେ ୫ ଲକ୍ଷ ଟଙ୍କାର ଚେକ୍ ନେଇ ନିକଟସ୍ଥ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାକୁ ଯାଇ ୫ ଲକ୍ଷ ଟଙ୍କା କାଢ଼ିଥିଲେ। ସମବାୟ ବ୍ୟାଙ୍କର ସୁରକ୍ଷାକର୍ମୀ ତପନ କର୍ମୀ ଏହି ଟଙ୍କା ବ୍ୟାଗରେ ଭର୍ତ୍ତି କରିବା ପରେ ବାଇକ୍‌ରେ ଉଭୟେ ଫେରୁଥିଲେ। ରାସ୍ତାରେ ନ୍ୟୁ ହଲାଣ୍ଡ ଟ୍ରାକ୍ଟର ଶୋ'ରୁମ୍‌ଠାରେ ୩ ଜଣ ଯୁବକ ବାଇକ୍‌ରେ ଆସି ଲାତ ମାରିଥିଲେ। ଦୁହେଁ ବାଇକ୍ ଅଟକାଇବା ପରେ ପିସ୍ତଲ ଦେଖାଇ ଟଙ୍କା ବ୍ୟାଗ୍ ଧରି ଫେରାର୍ ମାରିଥିଲେ। ତୁରନ୍ତ ଶ୍ରୀ ସାହୁ ଓ ଶ୍ରୀ କର୍ମୀ ଥାନାକୁ ଆସି ଅଭିଯୋଗ କରିଥିଲେ। ଏଏସ୍‌ଆଇ ପ୍ରେମରାଜ ସାହୁ ଓ ଏକାମ୍ର ନାହକ ସିସିଟିଭି କ୍ୟାମେରା ଫୁଟେଜ୍‌କୁ ଆଧାର କରି ଚେରୁପାଲି ପର୍ଯ୍ୟନ୍ତ ଯାଇଥିଲେ ହେଁ ସନ୍ଧାନ ପାଇ ନ ଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଘରୋଇ ଜମିରେ ବନ ବିଭାଗର ଚାରା ରୋପଣ ଘଟଣା

# ରାଜସ୍ୱ ଓ ବନ ବିଭାଗର ତଦନ୍ତ

**ସିନାପାଲି, ୫।୬(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଭରୁଆମୁଣ୍ଡା ଗ୍ରାମ ସଂଲଗ୍ନ ଚେରେପାଣି ଜଙ୍ଗଲକୁ ଲାଗି ରହିଥିବା ବ୍ୟକ୍ତିଗତ ଜମିରେ ବନ ବିଭାଗ ଚାରା ରୋପଣ କରିଛି। ଏହି ଘଟଣାକୁ ନେଇ ବୁଧବାର ରାଜସ୍ୱ ବିଭାଗ ଓ ବନ ବିଭାଗ ତରଫରୁ ମିଳିତ ତଦନ୍ତ କରଯାଇଛି।



### ସମାଧାନ ନ ହେଲେ ପୁଣି ଆନ୍ଦୋଳନ ଚେତାବନୀ

ଏହି ଜମିକୁ ପୁରୁଷାନୁକ୍ରମେ ପାରମ୍ପରିକ ଭାବେ ଭରୁଆମୁଣ୍ଡା ଗ୍ରାମର ପ୍ରାୟ ୧୦ ଜଣ ବ୍ୟକ୍ତି ଭୋଗ ଦଖଲ କରି ଚାଷବାସ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏପରିକି ଏହି ଜମି ନିକଟରେ ଗ୍ରାମର ୫ ଜଣ ବ୍ୟକ୍ତି ସରକାରଙ୍କ ଜଙ୍ଗଲ ଅଧିକାର ଆଇନ ବଳରେ ପଟ୍ଟା ମଧ୍ୟ ପାଇସାରିଛନ୍ତି। କିଛି ବ୍ୟକ୍ତି ପଟ୍ଟା ପାଇ ନ ଥିବାରୁ ସେମାନେ ଆବେଦନ ଦାବି ଫର୍ମ ଦାଖଲ କରିଛନ୍ତି; ହେଲେ ଏହି ଜାଗା ଉପରେ ବନ ବିଭାଗ ଜୋର ଜବରଦସ୍ତ ଗାତ ଖୋଳି ତାର ବାଡ ଲଗାଇ ଜଙ୍ଗଲ ଅଧିକାର ଆଇନର ଖୋଲା ଉଲ୍ଲଂଘନ କରୁଛି। ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ଏଭଳି ଗୁରୁତର ଅଭିଯୋଗ କରିଛି। କେବଳ ଅଭିଯୋଗ କରିନି; ଖଡିଆଳ ବନଖଣ୍ଡ ଅଧିକାରୀଙ୍କ ନିକଟରେ ପେରାଦ ମଧ୍ୟ ହୋଇଥିଲା। ହେଲେ ଘଟଣାର ତଦନ୍ତ ପାଇଁ ଯିବାକୁ କହି ଆସି ନ ଥିଲେ। ପରେ ଭରୁଆମୁଣ୍ଡା ଜଙ୍ଗଲ ଅଧିକାର କମିଟି ଓ ଗ୍ରାମବାସୀ ଓ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ତରଫରୁ ଗତ ୩୧ ତାରିଖ ସିନାପାଲି ତହସିଲ ଅଫିସ ଘେରଉ କରାଯିବା ସହ ଧାରଣା ଦେଇଥିଲେ। ଘଟଣାର ତଦନ୍ତ କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ବୁଧବାର ସମ୍ପୃକ୍ତ ଜାଗାକୁ ଯାଇ ବନ ବିଭାଗ ଓ ରାଜସ୍ୱ ବିଭାଗ ତଦନ୍ତ କରିଛି।

ଜଙ୍ଗଲ ସଂଲଗ୍ନ ଜମି ନିକଟରେ କୌଣସି ତାର ବାଡ ଲଗାଇବାର ନିୟମ ନାହିଁ। ଏହାଦ୍ୱାରା ବନ୍ୟ ପ୍ରାଣୀ ଓ ଜୀବଜନ୍ତୁ ଚଳପ୍ରଚଳ କରିବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଏହା ଜଙ୍ଗଲ ଅଧିକାର ଆଇନର ଖୋଲା ଉଲ୍ଲଂଘନକରୁଛି। ପଟ୍ଟା ପାଇ ସାରିଥିବା ବ୍ୟକ୍ତିଗତ ଜମିକୁ ଚାଷବାସ କରିବା ପାଇଁ ଯିବାର ବିଶେଷ ଅସୁବିଧା ହେବ ବୋଲି କମିଟି ଅଭିଯୋଗ କରିଛି। ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଣେ ବ୍ୟକ୍ତି ପୁରୁଷାନୁକ୍ରମେ ଜଙ୍ଗଲ ଜମି ଦଖଲ କରି ଯଦି ଚାଷବାସ କରି ଆସୁଛନ୍ତି ତାହା ହେଲେ ସେହି ଜମି ଉପରେ ସେହି ବ୍ୟକ୍ତିର ଅଧିକାର ରହିଛି। ଯଦି ଚାରା ରୋପଣ କରାଯାଉଛି ସେହି ଜମିକୁ ଉଭୟ ବନ ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଯାଞ୍ଚ ପରେ ପ୍ରକ୍ରିୟା ଆରମ୍ଭ କରି ଗ୍ରାମରେ ଗ୍ରାମ ସଭା ଡକାଇ ତାହାର ନିଷ୍ପତ୍ତି ଅନୁସାରେ କାର୍ଯ୍ୟ ଆରମ୍ଭ କରିବାର ନିୟମ ରହିଛି; ହେଲେ ଏଠାରେ ସେପରି କରା ନ ଯାଇ ତରବରିଆ ଭାବେ ବନ ବିଭାଗ ନିଜ ମନମୁଖୀ କାର୍ଯ୍ୟ ଚଳାଇଥିବା କମିଟି ଅଭିଯୋଗ କରିଛି। ଏଭଳି ହେଲେ ବିରାଟ ଜନ ଆନ୍ଦୋଳନ କରିବାକୁ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

ଏହି ତଦନ୍ତରେ ସିନାପାଲି ତହସିଲ ସୁପରଭାଇଜର ଲକ୍ଷ୍ମୀନାରାୟଣ ମେହେର, ସିନାପାଲି ଡବ୍ଲୁଇଓ ସୁନିଲ ସାମଲ, ଭରୁଆମୁଣ୍ଡା ଆରଆଇ ଚୁଡ଼ାମଣି ମାଝି, ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ନାୟକ, ରଞ୍ଜନ ସାହୁ, ଚୁଡ଼ାନାଥ ସରାଫଙ୍କ ସମେତ ଅନେକ କର୍ମଚାରୀ ତଦନ୍ତରେ ସାମିଲ ହୋଇଥିଲେ। ତେବେ ଏ ସମ୍ପର୍କରେ ସୁପରଭାଇଜର ଲକ୍ଷ୍ମୀ ନାରାୟଣ ମେହେରଙ୍କୁ ପଚାରିବାରୁ ତଦନ୍ତ ଚାଲିଛି। ସବିଶେଷ ତଥ୍ୟ ତହସିଲଦାରଙ୍କୁ ଦିଆଗଲା ପରେ ସମାଧାନ କରାଯିବ ବୋଲି କହିଛନ୍ତି। ତଦନ୍ତ ବେଳେ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନର କର୍ମକର୍ତ୍ତା, ଭରୁଆମୁଣ୍ଡା ଓ ବରପଦର ଗ୍ରାମର ଜନସାଧାରଣ ଓ ପାରମ୍ପାରିକ ବନବାସୀ ଉପସ୍ଥିତ ଥିଲେ।

## ସୁବଳୟା ପୁଲିସର ଦବଙ୍ଗଗିରି

# ଥାନାରେ ଯୁବକଙ୍କୁ ୬୦ ଘଣ୍ଟାର ନିର୍ଯାତନା

**ସୁବଳୟା, ୫।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ପୁଲିସ ନିଜର ସୀମା ଡେଇଁଛି। ଜଣେ ଯୁବକଙ୍କୁ ୬୦ ଘଣ୍ଟା ଥାନାରେ ଅଟକ ରଖି ପ୍ରବଳ ମାଡ଼ ମାରିଛି। ଅତ୍ୟଧିକ ମାଡ ଯୋଗୁଁ ଯୁବକ ଜଣଙ୍କ ବିଭିନ୍ନ ସ୍ଥାନରେ ନୋଳା ପଡ଼ି ଯନ୍ତ୍ରଣା ହୋଇଛି। ଏଭଳିକି ତାଙ୍କ ମଳଦ୍ୱାରରୁ ପ୍ରଚୁର ରକ୍ତସ୍ରାବ ହୋଇଛି। ଉପରିସ୍ଥ ଅଧିକାରୀଙ୍କ କାନରେ ଏହା ପଡ଼ିବା ପରେ ପୁଲିସ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରି ଘଟଣା ଚପାଇ ଦେବାକୁ ଉଦ୍ୟମ କରିଛି।

### ଘଟଣା ଚପାଇ ଦେବାକୁ ଉଦ୍ୟମ

### ଅତ୍ୟଧିକ ମାଡ଼ ଯୋଗୁଁ ମଳଦ୍ୱାରରୁ ପ୍ରଚୁର ରକ୍ତସ୍ରାବ

ଟେଭାପଦର ଗାଁର ଜଗନ୍ନାଥ କର୍ମୀ ନାମକ ଯୁବକ ଜଣକ ବର୍ଷେ ତଳେ ନିଜ ଟ୍ରାକ୍ଟରର ଲଙ୍ଗଳ ବିକ୍ରି କରିଥିଲେ; ହେଲେ ଏହାକୁ ସେହି ଗାଁର ମହେନ୍ଦ୍ର ମହାଲିକ ନିଜର ବୋଲି ଦାବି କରିବା ସହ ଚୋରି ହୋଇଥିବା ଥାନାରେ ଏତଲା ଦେଇଥିଲେ। ଏଣୁ ପୁଲିସ ସନ୍ଦେହରେ ଜଗନ୍ନାଥଙ୍କୁ ଥାନାକୁ ଆଣିଥିଲା। ଏଏସ୍‌ଆଇ ସନ୍ତୋଷ ସିଦିରିଆ ତାଙ୍କୁ ପଚାରା ଉଚୁରା କରିବା ସହ ନିସ୍ଥୁକ ମାଡ ମାରିଥିଲେ। ଜଗନ୍ନାଥଙ୍କ ଭାଇ ପୁଲିସକୁ ଫୋନ୍ କରି ଅନୁରୋଧ କରିବାରୁ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇ ଭୟଭୀତ କରିଥିଲେ। ଜିଲ୍ଲା ପୁଲିସ ଅଧିକାରୀଙ୍କ କାନରେ ଏହା ପଡ଼ିବା ପରେ ଏଏସ୍‌ଆଇ ତାଙ୍କୁ ଛାଡିଥିଲେ। ତେବେ ଉପଖଣ୍ଡ ପୁଲିସ ଅଧିକାରୀ ବାସୁଦେବ ଛତ୍ରିଙ୍କୁ ଯୋଗାଯୋଗ କରାଯିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ପ୍ରଦୀପ ଅମାତଙ୍କ ଆତ୍ମହତ୍ୟାକୁ ନେଇ ଗୁଜବ




**ବୌଦ୍ଧ, ୫।୬(ସମିସ):** ବୌଦ୍ଧ ବିଜେଡି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ବରିଷ୍ଠ ବିଜେଡି ନେତା ପ୍ରଦୀପ ଅମାତ ଆତ୍ମହତ୍ୟା କରିଥିବା ଏକ ଗୁଜବ ୨ ଦିନ ହେଲା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। କେତେକ ଖଳ ପ୍ରକୃତିର ଲୋକ ଏଭଳି କରି ମଜା ଉଠାଇବାକୁ ଚେଷ୍ଟା କରିଛନ୍ତି। ଏହାଦ୍ୱାରା ତାଙ୍କର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଛି। ତାଙ୍କ ପରିବାର ଏବଂ ଶୁଭଚିନ୍ତକ ମାନସିକ ଆଘାତ ପାଇଛନ୍ତି ବୋଲି ବିଜେଡି କହିଛି। ଏହାକୁ ନେଇ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ କର୍ମଚାରୀ ଭବନରେ ବୌଦ୍ଧ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ତୀବ୍ର ନିନ୍ଦା କରିଛି। ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୌଦ୍ଧ ଆଦର୍ଶ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଯୁବ ବିଜେଡି ସଭାପତି ତଥା ବୌଦ୍ଧ ବ୍ଲକ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ଯୁବ ବିଜେଡି ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ର, ଯୁବ ନେତା ସୁବୋଧ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ସାମ୍ବାଦିକ ସମ୍ମିଳନୀ କରି ନିନ୍ଦା କଲା ବିଜେଡି

### ଘଟଣାକୁ ନେଇ ଥାନାରେ ଏତଲା

# ବନ ବିଭାଗ ପାଳିଲା ପରିବେଶ ଦିବସ





**ନୂଆପଡ଼ା, ୫।୬(ସମିସ):** ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବନଖଣ୍ଡ ଅଧୀନ ସଦର କାର୍ଯ୍ୟାଳୟ ସମେତ ଖଡ଼ିଆଳରୋଡ଼ ବନ ବିଭାଗ କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଖଡ଼ିଆଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏଥିରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପରିବେଶ ସଚେତନତା ରଥ ଖଡ଼ିଆଳ ଅଧୀନରେ ଥିବା ସମସ୍ତ ଗାଁ ପରିକ୍ରମା କରି ପରିବେଶ ଓ ଜୀବଜନ୍ତୁ ସୁରକ୍ଷା କରିବା ସହିତ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଲୋକଙ୍କୁ ସଚେତନ କରିବାର ଲକ୍ଷ୍ୟ ରହିଛି। ଏହି ଅବସରରେ ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କ ସମେତ ରେଞ୍ଜର ସଂସ୍କୃତା ବଡ଼ନାୟକ, ଫରେଷ୍ଟ ଗାର୍ଡ ନରେଶ ଦଣ୍ଡସେନା, କନ୍ଦର୍ପ ସୁନାନୀ, ରାମଧର ଚଳାନ, ସର୍ବଜ୍ୟ ପାଣିଗ୍ରାହୀ, ମନୋଜ ଅଗସ୍ତି ଓ ସମସ୍ତ ବନକର୍ମଚାରୀ ଉପସ୍ଥିତ ରହି ପରିବେଶ ସଚେତନତା ରଥକୁ ସ୍ୱାଗତ କରିଥିଲେ। ପରେ ସ୍ଥାନୀୟ ବେଲଗଡ଼ ନର୍ସରୀରେ ଚାରା ରୋପଣ କରାଯାଇଥିଲା। ବନଖଣ୍ଡ ଅଧିକାରୀ ଅଜିଜ ଖାନ ଚାରା ରୋପଣ କରିଥିଲେ। ଖଡ଼ିଆଳରୋଡ଼ ରେଞ୍ଜ ଅଫିସ କାର୍ଯ୍ୟାଳୟ ପରିସରରେ ମଧ ରେଞ୍ଜ ଅଫିସର ରଞ୍ଜିତ ସିଂ ବାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଇଥିଲା। ଥିରେ ଫରେଷ୍ଟର ବିନୋଦ ବିହାରୀ ନାୟକ, ଫରେଷ୍ଟ ଗାର୍ଡ ଜ୍ୟୋତ୍ସ୍ନା ଛତର, କନାରାମ ନାଏକ, ସନ୍ଧ୍ୟା ମାଝୀ, ଜିତାମିତ୍ର ଭୋଇ, ସଂଯୁକ୍ତା ବାରିକଙ୍କ ସମେତ ସ୍ଥାନୀୟ ଏଚଡିଏଫସି ବ୍ୟାଙ୍କ କର୍ମଚାରୀ ଯୋଗ ଦେଇଥିଲେ।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ

# ଦୀପ୍ତିମୟୀ ପାଣ୍ଡେ ଇତିହାସ ଟପ୍ପର

**ଭବାନୀପାଟଣା, ୫।୬(ସମିସ):** ଚଳିତ ଶିକ୍ଷାବର୍ଷରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକ ବିଭାଗର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ କୁମାରୀ ଦୀପ୍ତିମୟୀ ପାଣ୍ଡେ ଇତିହାସ ସମ୍ମାନରେ ବିଶ୍ୱବିଦ୍ୟାଳୟର ଟପ୍ପର ହୋଇ ମହାବିଦ୍ୟାଳୟ ତଥା କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ସେ ନକଟିଗୁଡା ନିବାସୀ ଭରତ ପାଣ୍ଡେ ଏବଂ ତପୋଇ ପାଣ୍ଡେଙ୍କର ସୁକନ୍ୟା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନାଙ୍କ ସହ ଅଧ୍ୟାପକ, ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ପୁରୁଣାପଡ଼ା ଶୀତଳଷଷ୍ଠୀ କମିଟିର ପ୍ରସ୍ତୁତି

# ବର ଓ କନ୍ୟାପକ୍ଷର ସଂକଳ୍ପ ଉତ୍ସବ, ୧୦ରେ ଶିବ-ପାର୍ବତୀଙ୍କ ବିବାହ



**ଭବାନୀପାଟଣା, ୫।୬ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ପୁରୁଣାପଡ଼ା ଶୀତଳଷଷ୍ଠୀ କମିଟି ପକ୍ଷରୁ ଉଭୟ ବର ଓ କନ୍ୟା ପକ୍ଷରୁ ସଂକଳ୍ପ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୁଣାପଡ଼ାସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରେ ବର ପିତାମାତା ମାନସ ଜେନା ଓ ମାନସୀ ଜେନା ଏବଂ କନ୍ୟା ପିତାମାତା ଆଲୋକ ଡାକୁଆ ଓ ତନ୍ମୟୀ ପ୍ରଧାନ ଆସନ୍ତା ଶୀତଳଷଷ୍ଠୀ ନିମନ୍ତେ ସଂକଳ୍ପ କରିଛନ୍ତି। ପୁରୋହିତ ଭବାନୀ ଶଙ୍କର ଆଚାର୍ଯ୍ୟ ଓ ଉଦ୍ଧବ ମୁନି ରୀତିନୀତି ସମ୍ପନ୍ନ କରିଥିଲେ। ଆସନ୍ତା ୧୦ ତାରିଖରେ ଶିବ ବିବାହ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ରାଧାକୃଷ୍ଣ ମନ୍ଦିର ଯାତ୍ରା କମିଟି ସଭାପତି ଇନ୍ଦ୍ରଜିତ ମହାଖୁଡ଼, ସମ୍ପାଦକ ମାନସ ପ୍ରଧାନ, ମନମୋହନ ପ୍ରଧାନ, ଦୟାନିଧି ପ୍ରଧାନ, ଭଗବାନ ବିଶୋଇ, ଘାସିରାମ ଡାକୁଆ, ଇନ୍ଦ୍ରମଣି ଡାକୁଆ, ଭବାନୀ ଶଙ୍କର ଆଚାର୍ଯ୍ୟ, ଉଦ୍ଧବ ମୁନି ପ୍ରମୁଖ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ବଦଳାସାହିରେ ଯୁବକଙ୍କ ଆତ୍ମହତ୍ୟା

**ହରଭଙ୍ଗା, ୫।୬ (ସମିସ):** ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ବଦଳାସାହି ଗ୍ରାମରେ ରିଙ୍କୁ ପ୍ରଧାନ ନାମକ ଜଣେ ଯୁବକ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଛନ୍ତି। ଏକ ଗଛରେ ସେ ଗାମୁଛା ଦେଇ ଆତ୍ମହତ୍ୟା କରିଥଲେ। ପରିବାର ଲୋକେ ଏହା ଜାଣିବା ପରେ ପାଖ ପଡ଼ୋଶୀଙ୍କୁ ଡାକି ତାଙ୍କୁ ଗଛରୁ ତଳକୁ ଆଣିଥିଲେ। ଏହାପରେ ୧୦୮ ଆମ୍ବୁଲାନ୍ସରେ ନିକଟସ୍ଥ ଆଡ଼େଣିଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଡ଼େଣିଗଡ଼ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନା ପଠାଇଛି। ସୂଚନାଯୋଗ୍ୟ, ବଦଳାସାହି ଗ୍ରାମର ସୁମିତ୍ରା ପ୍ରଧାନଙ୍କ ଝିଅ ରଶ୍ମିତା ପ୍ରଧାନକୁ ସେ ବିବାହ କରି ଘରଜ୍ୱାଇଁ ହୋଇ ରହୁଥିଲେ।

# ବିଜେପି ସମର୍ଥକଙ୍କ ବିଜୟ ଶୋଭାଯାତ୍ରା



**ତୁଷୁରା, ୫।୬ (ସମିସ):** ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ପ୍ରାର୍ଥୀ ନବୀନ ଜୈନ ବିଜୟୀ ହୋଇଛନ୍ତି। ଏନେଇ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ଅଞ୍ଚଳରେ ବିଜେପି ତରଫରୁ ବିଜୟ ଉତ୍ସବ ପାଳନ କରାଯାଉଛି। ସେହିପରି ତୁଷୁରା ଏନ୍‌ଏସି ଅଞ୍ଚଳରେ ବିଜେପି ତରଫରୁ ମହାଦେବ ମନ୍ଦିର ଠାରୁ ଏକ ବିଶାଳ ରାଲି ବୁଧବାର ସନ୍ଧ୍ୟାରେ ବାହାରି ତୁଷୁରା ସହର ପରିକ୍ରମା କରିଥିଲା। ବିଜେପିର କର୍ମୀମାନଙ୍କ ସହିତ ତୁଷୁରା ୟୁଥ୍ ଆହ୍ୱାନ କମିଟିର ସମସ୍ତ ଯୁବକଙ୍କ ସହିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ବ୍ଲକ୍ ଉପାଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ସରୋଜ

**ବୌଦ୍ଧ, ୫।୬(ସମିସ):** ବୌଦ୍ଧର ନବ ନିର୍ବାଚିତ ବିଧାୟକ ସରୋଜ ପ୍ରଧାନ ହରଭଙ୍ଗା ବ୍ଲକ କାର୍ଯ୍ୟାଳୟକୁ ଯାଇ ବ୍ଲକ ଉପାଧ୍ୟକ୍ଷ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ମଙ୍ଗଳବାର ଭୋଟ ଗଣତିରେ ୮୬ ବୌଦ୍ଧ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ଭାବେ ସରୋଜ ନିର୍ବାଚିତ ହୋଇଥିଲେ। ଏଣୁ ୨୦୨୨ରୁ ରହିଥିବା ହରଭଙ୍ଗା ବ୍ଲକର ଉପାଧ୍ୟକ୍ଷ ତଥା ରାଧାନଗର ପଞ୍ଚାୟତ ସମିତି ସଭ୍ୟ ପଦବୀରୁ ବୁଧବାର ଇସ୍ତଫା ଦେଇଛନ୍ତି। ବିଡିଓ ଶରତ ଚନ୍ଦ୍ର ସେଠୀଙ୍କୁ ସେ ନିଜର ଇସ୍ତଫା ପତ୍ର ପ୍ରଦାନ କରିଥିଲେ।



# ସାଇଟ୍ କଲେଜରେ ବିଶ୍ୱ ପରିବେଶ ଦିବସ ପାଳିତ

**ବଲାଙ୍ଗିର, ୫।୬ (ସମିସ):** ସ୍ଥାନୀୟ ସଦାଇପାଲି ପଲ୍ଲିଶ୍ରୀ ବିହାରସ୍ଥିତ ସାଇଟ କଲେଜ ପରିସରରେ ଥିବା ଚନ୍ଦନବନଠାରେ ରାମଜୀ ଯବକ ସଂଘ ତରଫରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ରାମଜୀ ଯୁବକ ସଂଘର ସଭାପତି ଡା. ପ୍ରମୋଦ କୁମାର ମିଶ୍ର ପରିବେଶର ତାତ୍ପର୍ଯ୍ୟ ଓ ପରିବେଶର ସୁରକ୍ଷା ବିଷୟରେ ସୂଚନା ଦେଇଥିଲେ। ଅନ୍ୟତମଅତିଥି ସାଇଟ କ୍ରୀଡା ସଂଯୋଜକ ସୁନୀଲ ଚନ୍ଦ୍ର ବିଶ୍ୱାଳ ଗଛକଟା ଯୋଗୁଁ ପରିବେଶ ଅଶାନ୍ତ ଏବଂ ତାପମାତ୍ରା ବୃଦ୍ଧିର ମୂଖ୍ୟ କାରଣ ବୋଲି କହିଥିଲେ। ଇଲେକଟ୍ରିକ ବିଭାଗ କୁ ଗଛ ମୂଳରୁ ନ କାଟି ଦରକାର ପଡ଼ିଲେ ସାଇଜ୍ କରିବା ପାଇଁ ଅନୁରୋଧ କରାଯାଇଛି। ଆଜିର ସଭାରେ ପ୍ରଶାନ୍ତ ତ୍ରିପାଠୀ, ଜୟନ୍ତ ପଟେଲ, ସୁରଜ ସାଏ, ସଞ୍ଜିତ ମିଶ୍ର, ଲୋକନାଥ ସିଂହ, ପ୍ରଫୁଲ୍ଲ ମିଶ୍ର, ସତ୍ୟବାଦୀ ନାଏକ, ଭାଗବତିଆ ଅଦାବରିଆ ଓ ଅନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସୁନୀଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଶ୍ୱ ପରିବେଶ ଦିବସ ପାଳିତ

**ଭବାନୀପାଟଣା, ୫।୬ (ସମିସ)**

ପ୍ରତିବର୍ଷ ଜୁନ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରାଯାଏ। ଏହି କ୍ରମରେ ବୁଧବାର କରାଟିକିଲି ଅଙ୍ଗନୱାଡି କେନ୍ଦ୍ରଠାରେ ଜନଶିକ୍ଷଣ ସଂସ୍ଥାନ କଳାହାଣ୍ଡି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଥୁଆପଦର ହାଇସ୍କୁଲର ଶିକ୍ଷୟତ୍ରୀ ଶ୍ରୀମତୀ ଦୀପ୍ତିମୟୀ ସିଂ, ଜନଶିକ୍ଷଣ ସଂସ୍ଥାନ କଳାହାଣ୍ଡିର କାର୍ଯ୍ୟକର୍ତ୍ତା ଗଙ୍ଗାଧର ନାଏକ, କ୍ଷୀରମଣୀ କୁମାର, ପ୍ରକୃତି ବନ୍ଧୁ ଶମ୍ଭୁ ବିଶି, ପ୍ରକୃତିପ୍ରେମୀ ଯଶୋବନ୍ତ ରଣା, ଅଙ୍ଗନୱାଡି କର୍ମୀ ପ୍ରମିଳା ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଅଞ୍ଚଳର ପଚାଶରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପାଣିପାଗର ପରିବର୍ତ୍ତନ ଓ ପ୍ରବଳ ଖରା ହେବାର ମୁଖ୍ୟ କାରଣକୁ ନେଇ ପ୍ରଥମେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପାଣିପାଗର ମୁଖ୍ୟ କାରଣ ହେଲା ପରିବେଶ ଦୂଷିତ ହେବା ଓ ଜଙ୍ଗଲ ସବୁ କ୍ଷୟ ଯୋଗୁଁ ପରିବର୍ତ୍ତନ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତେକ ବ୍ୟକ୍ତି ୫ଟି ଲେଖାଏଁ ଗଛ ଲଗେଇବା ସହ ତାର ଯତ୍ନ ନେବାକୁ ଅତିଥିମାନେ ଉପସ୍ଥିତ ଯୁବକ ଯୁବତୀଙ୍କୁ କହିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଶପଥ ପାଠ ମଧ ଅନୁଷ୍ଠିତ ହୋଇଥିଲା। ପରେ ଅତିଥିଙ୍କ ଦ୍ୱାରା ପିଜୁଳି, ଶାଗୁଆନ, ନୀଳଗିରି, ବାଦାମ, ଆମ୍ବ ଭଳି ବୃକ୍ଷରୋପଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପରିସରରେ ୨୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯେଆର କମ୍ପ୍ୟୁଟର କେନ୍ଦ୍ରର ଛାତ୍ରଛାତ୍ରୀ ସୁରେନ୍ଦ୍ର ହଂସ, ଶ୍ରବଣ ନାଏକ, ସୀମା ସୁନାନୀ ପ୍ରମୁଖ ସହଯୋଗ କରିଥିଲେ।



